ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.276, Bhubaneswar Tuesday, December 17, 2019 | ୨୨ତମ ବର୍ଷ ସଂଖ୍ୟା-୨୭୬ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ପୁଣି ବୃଦ୍ଧି ପାଇଲା ପିଆଜ ଦର

ଭୁବନେଶ୍ୱର,(ପିଏନ)-ପିଆଜ ଦର ପୁନର୍ବାର ବୃଦ୍ଧି ପାଇଛି । ଏହି ଦର କେଜି ପିଛା ୧୦୦ ଟଙ୍କାରେ ପହଂଚିଛି । ଆଉ କେତକ ସ୍ଥାନରେ ୧୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି । ପିଆଜ ଦର ବୃଦ୍ଧି ପାଇଁ ନାଗରିକ ସଂଶୋଧନ ଅଧିନିୟମ ଦାୟୀ ବୋଲି ଓଡ଼ିଶା ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏହି ନିୟମକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ବସ୍, ଟ୍ରାକ୍ ପୋଡ଼ାଜଳା କରାଯାଉଥିବାରୁ ଟ୍ରକ୍ ଗୁଡ଼ିକ ବାହାରୁ ପିଆଜ ଆଣିବାକୁ ରାଜି ହେଉନାହାଁନ୍ତି । ଯାହାଫଳରେ ପିଆଜ ଆସି ପାରୁନାହିଁ । ଯାହା ଆସିଥିଲା ତାହା ସରିବାକୁ ବସିଲାଣି । ଷ୍ଟକ୍ ସରିଲାଣି । ଦର କମିବାକୁ ଆଉ କିଛି ଦିନ ସମୟ ଲାଗିବ ।

## ତୋଷାଳୀ ମେଳାର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,(ପିଏନ)- ଆଜି ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ ସନ୍ଧ୍ୟାର ଶୁଭ ଉଦଘାଟନ କରିଥିଲେ । ସନ୍ଧ୍ୟାରେ ମଂଚରେ ରାଜସ୍ଥାନୀୟ ଭଓ୍ୱାଇ ଗ୍ରୁପ୍‌ର କଳାକାରମାନେ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ । ପରେ ପରେ ପଶ୍ଚିମବଙ୍ଗ ପୁରୁଲିଆର କଳାକାରମାନେ ଚିତାକର୍ଷକ ଛଉନୃତ୍ୟ ପରିବେଷଣ କରିଥିଲେ ।

ଏହି ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ଉପଢ଼ୌକନ ପ୍ରଦାନ କରିଥିଲେ । କଳାକାର ମାନଙ୍କୁ ମଧ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରୁ ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ତୋଷାଳି ମେଳା ପ୍ରତ୍ୟହ ଦିବା ୧୧ଟାଠାରୁ ରାତି ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜନତା ମଇଦାନଠାରେ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ୪ ମାସରେ ଅଯୋଧ୍ୟାରେ ନିର୍ମାଣ ହେବ ରାମ ମନ୍ଦିର : ଶାହା



ଝାଡ଼ଖଣ୍ଡ ,(ପିଏନ)-୪ ମାସ ମଧ୍ୟରେ ଅଯୋଧ୍ୟାରେ ନଭଶ୍ଚୁମ୍ବୀ ରାମ ମନ୍ଦିର ନିର୍ମାଣ ହେବ । ଏଭଳି ଏକ ବଡ ଘୋଷଣା କରିଛନ୍ତି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା । ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ପାକୁଡ୍ ଠାରେ ଆୟୋଜିତ ଜନସଭାରେ ଶ୍ରୀ ଶାହା ଏହି ଘୋଷଣା କରିଛନ୍ତି ।

ଶ୍ରୀ ଶାହା କହିଛନ୍ତି ଯେ କିଛି ସମୟ ପୂର୍ବରୁ ସୁପ୍ରିମକୋର୍ଟ ଅଯୋଧ୍ୟା ମାମଲାରେ ରାମ ମନ୍ଦିର ନିର୍ମାଣ ନେଇ ଶୁଣାଣି କରିଛନ୍ତି । ପ୍ରତ୍ୟେକ ଲୋକ ରାମ ମନ୍ଦିରର ନିର୍ମାଣ ଚାହୁଁଥିଲେ । ମାତ୍ର କଂଗ୍ରେସ ଓ ତାଙ୍କ ଓକିଲ ଏଥିରେ ବାଧା ସୃଷ୍ଟି କରୁଥିଲେ । ଏବେ ସେ ସମୟ ନାହିଁ । ୪ ମାସ ମଧ୍ୟରେ ଅଯୋଧ୍ୟାରେ ପ୍ରଭୂ ରାମଙ୍କର ନଭଶ୍ଚୁମ୍ବୀ ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଛି ।

କଂଗ୍ରେସକୁ ଟାର୍ଗେଟ୍ କରି ସେ କହିଥିଲେ ଯେ କଂଗ୍ରେସ ନା ବିକାଶ କରିପାରିବ ନା ଦେଶକୁ ସୁରକ୍ଷିତ କରିପାରିବ । କଂଗ୍ରେସ ଦେଶରେ ଜନତାଙ୍କ ଭାବନାକୁ ସମ୍ମାନ ମଧ୍ୟ ଦେଇପାରିବ ନାହିଁ ।




ଜାତୀୟ ସୁରକ୍ଷା ପୁରସ୍କାର(ଖଣି) ପ୍ରଦାନ ଉତ୍ସବରେ ଉପ ରାଷ୍ଟ୍ରପତି ଭେଙ୍କିଆ ନାଇଡୁ

## ବିଷ୍ଣୁ ପେଣ୍ଟିଆଙ୍କୁ ସହାୟତାର ହାତ ବଢ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଲାଠିଗୁଡା ଗ୍ରାମରେ ରୁହନ୍ତି ନକୁଳ ପେଣ୍ଟିଆଙ୍କ ପରିବାର । ନିଜର ତିନି ଛୋଟ ଛୁଆ(ଦୁଇ ପୁଅ ଓ ଗୋଟିଏ ଝିଅ) ଓ ପତ୍ନୀ ସହ ପାଂଚପ୍ରାଣୀ କୁଟୁମ୍ବ । ଆର୍ଥିକ ଦୂରାବସ୍ଥାରେ ରହୁଥିବା ନକୁଳ ପେଣ୍ଟିଆ ପର ଘରେ ମୂଲଲାଗି ପରିବାର ପ୍ରତିପୋଷଣ କରନ୍ତି । ଏହିପରିସ୍ଥଳେ ବୋଝ ଉପରେ ଲଳିତା ବିଡା ପରି ତାଙ୍କର ବଡ଼ପୁଅ(୫ ବର୍ଷ) ବିଷ୍ଣୁ ପେଣ୍ଟିଆଙ୍କ ଗୋଡ଼ରେ ଏକ ମାଂସ ପିଣ୍ଡୁଳା ଅହେତୁକ ଭାବେ ବଢୁଛି । ଗୋଟିଏ ପକ୍ଷରେ ଆର୍ଥିକ ସ୍ଥିତି ଭଲ ନଥିଲା ବେଳେ ଅନ୍ୟପଟେ ପୁଅର ଏହି ଦୁର୍ଦ୍ଦଶା ନକୁଳ ପେଣ୍ଟିଆଙ୍କର ଚିନ୍ତାକୁ ଦ୍ୱିଗୁଣିତ କରୁଥିଲା । ପାଖରେ ଅର୍ଥ ନଥାଇ ମଧ ସେ ବୋରିଗୁମ୍ମା, ଜୟପୁର, କୋରାପୁଟ ମେଡ଼ିକାଲରେ ପୁଅକୁ ଦେଖାଇଥିଲେ । ସେଠାରେ ଡାକ୍ତରମାନେ ବିଷ୍ଣୁଙ୍କର ଚିକିତ୍ସା କଟକ କିମ୍ବା ବ୍ରହ୍ମପୁରରେ କରିବା ପାଇଁ ପରାମର୍ଶ ଦେଇଥିଲେ । ନକୁଳ ପେଣ୍ଟିଆଙ୍କ ଏହି ଦୁଃଖଦ କାହାଣୀ ଏକ ଦୈନିକ ଖବର କାଗଜରେ ପ୍ରକାଶିତ ହୋଇଥିଲା । ସୌଭାଗ୍ୟକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଖବର ପଢିଥିଲେ । ବିଷ୍ଣୁଙ୍କର ଦୁର୍ଦ୍ଦଶା ସଂପର୍କରେ ଜାଣିବା ପରେ ତାଙ୍କର ତୁରନ୍ତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ', ଜୟପୁରର ଅଧିକାରୀମାନେ ତୁରନ୍ତ ଲାଠିଗୁଡ଼ା ଗ୍ରାମକୁ ଯାଇଥିଲେ । ସେହି ସମୟରେ ବିଷ୍ଣୁଙ୍କ ବାପା, ମା' ମୂଲ ଲାଗିବାକୁ ବାହାରକୁ ଯାଇଥିଲେ । ସେମାନେ ଆସିବା ପର୍ଯ୍ୟନ୍ତ ଅଧିକାରୀମାନେ ଅପେକ୍ଷା କରିବା ସହ ବିଷ୍ଣୁଙ୍କ ବାପା ମା'ଙ୍କ ସହ ଆଲୋଚନା କରି ତା'ର ଚିକିତ୍ସା ପାଇଁ ସ୍ଥାନୀୟ ବୋରିଗୁମ୍ମା ହସ୍ପିଟାଲ ନେଇଥିଲେ । ପରେ କୋରାପୁଟ ମେଡ଼ିକାଲରେ ଆବଶ୍ୟକୀୟ ପରୀକ୍ଷା ପରେ ଏକ ଆମ୍ବୁଲାନ୍ସରେ ବିଷ୍ଣୁଙ୍କୁ କଟକ ବଡ ମେଡିକାଲ ପଠାଯାଇଥିଲା । ଆଜି ବିଷ୍ଣୁ ନିଜ ବାପା, ମା' ଏବଂ ବୋରିଗୁମ୍ମାର ଆୟୁଷ ଡାକ୍ତର ଆଲୋକ ବିଶୋୟୀଙ୍କ ସହ କଟକ ବଡ଼ ମେଡିକାଲରେ ପହଂଚିଥିଲେ । ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗକୁ ପଠାଯାଇଥିଲା । ବିଭାଗୀୟ ମୁଖ୍ୟ ଡଃ ଅନ୍ନଦା ପ୍ରସାଦ ପଟ୍ଟନାୟକ ତାଙ୍କର ଚିକିତ୍ସା ଆରମ୍ଭ କରିଛନ୍ତି ।

## ସୁନାନ୍ତର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ : ୩୦ ବଖରା ଜଳିଗଲା

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଥାନା ଅନ୍ତର୍ଗତ ସୁନାନ୍ତର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘଟିଯାଇଛି ଭୟାବହ ଅଗ୍ନିକାଣ୍ଡ । ଏଥିରେ ପ୍ରାୟ ୩୦ ବଖରା ଘର ଜଳିପୋଡି ଛାରଖାର୍ ହୋଇଯାଇଛି । ଘରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତି, ଅନ୍ୟାନ୍ୟ ଆସବାବପତ୍ର, ଗଚ୍ଛିତ ଥିବା ଧାନ, ଚାଉଳ, ମୁଗ, ବିରି ଆଦି ଶସ୍ୟ ପୋଡ଼ି ପାଉଁଶ ହୋଇଯାଇଛି । ଅଧିକାଂଶ ଚାଳଛପର ଘର ଥିବାରୁ ନିଆଁ ଖୁବ୍ ଶୀଘ୍ର ବ୍ୟାପୀ ଯାଇଥିଲା । କେହି କିଛି ବୁଝିବା ପୂର୍ବରୁ ନିମିଷକ ମଧରେ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ଖବର ପାଇ ପୁରୁଷୋତମପୁର ଅଗ୍ନିଶମ ବିଭାଗର ଦୁଇଟି ଗାଡି ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ତେବେ ନିଆଁ କିପରି ଲାଗିଲା ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ ।ଅନ୍ୟପକ୍ଷରେ ବିପନ୍ନ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ସର୍ବସ୍ୱାନ୍ତ ହୋଇ ସମ୍ପ୍ରତି ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବାରୁ ତୁରନ୍ତ ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ଉନ୍ନାଓ ଦୁଷ୍କର୍ମ ମାମଲା

## ବିଧାୟକ କୁଲଦୀପ ସେଙ୍ଗର ଦୋଷୀ ସାବ୍ୟସ୍ତ



ନୂଆଦିଲ୍ଲୀ,(ପିଏନ)- ବହୁ ଚର୍ଚ୍ଚିତ ଉନ୍ନାଓ ଦୁଷ୍କର୍ମ ଘଟଣାରେ ଦିଲ୍ଲୀର ତିସହଜାରୀ କୋର୍ଟ ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ବିଧାୟକ କୁଳଦୀପଙ୍କୁ କୋର୍ଟ ଧାରା ୧୨୦ ବି (ଅପରାଧିକ ଷଡଯନ୍ତ୍ର),୩୬୩(ଅପହରଣ. ୩୬୬(ମହିଳା ଉତ୍ପୀଡନ), ୩୭୬(ବଳାତ୍କାର) ଏବଂ ପୋସ୍କୋ ଆକ୍ଟରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ଡିସେମ୍ବର ୧୯ ତାରିଖରେ ଦଣ୍ଡ ନେଇ ଶୁଣାଣି ହେବ ।ଅନ୍ୟପକ୍ଷରେ ଘଟଣାର ଅନ୍ୟତମ ଅଭିଯୁକ୍ତ ମହିଳା ଶଶି ସିଂହଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି । ଶଶି ପିଡୀତାଙ୍କୁ ଚାକିରୀ କରାଇଦେବା ବାହାନାରେ ବିଧାୟକଙ୍କ ନିକଟକୁ ନେଇଥିବା ଅଭିଯୋଗ ହୋଇଥିଲା ।ଗତ ଜୁନ୍ ୨୦୧୭ରେ କୁଲଦୀପ ସିଂହ ସେଙ୍ଗର ପୀଡିତାଙ୍କ ଅପହରଣ କରି ଦୁଷ୍କର୍ମ କରିଥିଲେ । ସେହିସମୟରେ ପୀଡିତା ଜଣକ ନାବାଳିକା ଥିଲେ । ଏହି ମାମଲାରେ ମୋଟ ୫ ଟି ଏଫଆଇଆର ଦାଖଲ କରାଯାଇଥିଲା । ସେଥିମଧ୍ୟରୁ ଗୋଟିଏର ଶୁଣାଣୀ ଶେଷ ହୋଇଥିବା ବେଳେ ବଳକା ମାମଲା ଗୁଡିକର ଶୁଣାଣି ଜାରୀ ରହିଛି । ପୀଡିତାଙ୍କ ବାପାଙ୍କର ପୋଲିସ୍ ହେପାଜତରେ ମୃତ୍ୟୁ , ସଡକ ଦୁର୍ଘଟଣାରେ ପୀଡିତାଙ୍କ ପରିବାରର ଦୁଇଜଣଙ୍କ ମୃତ୍ୟୁ ଆଦି ମାମଲା ସାମିଲ ରହିଛି । ଉତରପ୍ରଦେଶର ବାଙ୍ଗରମଉ ଆସନରୁ ୪ ଥର ବିଧାୟକ ହୋଇଥିବା ସେଙ୍ଗରଙ୍କୁ ଅଗଷ୍ଟ ୨୦୧୯ରେ ବିଜେପିରୁ ବହିଷ୍କାର କରାଯାଇଥିଲା ।

## ଶିଳ୍ପ ମନ୍ତ୍ରୀଙ୍କ ଇଡ୍‌କୋ ସମୀକ୍ଷା

ଭୁବନେଶ୍ୱର,(ପିଏନ)- ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ସୋମବାର ପୂର୍ବାହ୍ନରେ ଇଡ୍‌କୋଠାରେ ଉଦ୍ୟୋଗ ସଂଶୋଧନ ଯୋଜନା(ଏଂଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ)ର ସମୀକ୍ଷା କରିଥିଲେ ।

ରାଜ୍ୟରେ ଶିଳ୍ପ ଉନ୍ନୟନ ସଂସ୍ଥା(ଇଡ୍‌କୋ) ଦ୍ୱାରା ଆରମ୍ଭ କରାଯାଇଥିବା ଆଇଟି ଗୋ-ଆଇପାସ୍ ସଂପର୍କରେ

ଉଦ୍ୟୋଗୀମାନଙ୍କ ଆବେଦନର ଆବଂଟନ ବିଷୟରେ ଅବଗତ ହେବା ନିମିତ ଆରମ୍ଭ ହୋଇଥିବା ପ୍ରକ୍ରିୟା ସଂପର୍କରେ ସମୀକ୍ଷା କରିଥିଲେ । ଇଡ୍‌କୋର ଅଧକ୍ଷ ତଥା ପରିଚ୍ଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏହି ପ୍ରକ୍ରିୟା ସଂପର୍କରେ ସବିଶେଷ ତଥ୍ୟ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ରଙ୍କୁ ଅବଗତ କରାଇଥିଲେ । ଏହା ବ୍ୟତୀତ ଓଡ଼ିଶାରେ ଶିଳ୍ପ ବିକାଶ କ୍ଷେତ୍ରରେ ତ୍ୱରାନ୍ୱିତ କରାଯାଉଥିବା ଭିତି ସଂରଚନା କାର୍ଯ୍ୟପ୍ରଣାଳିବେଳେ ସରକାରଙ୍କ ଦ୍ୱାରା କରାଯାଇଥିବା ୫ 'ଟି'ର ଆଭିମୁଖ୍ୟ ପ୍ରତିପାଳନ ସଂପର୍କରେ ସମୀକ୍ଷା କରିଥିଲେ ।

ଇଡ୍‌କୋଠାରେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଥିବା ଇଲେକ୍‌ଟ୍ରୋ ମେକାନିକାଲ୍ ମଲ୍ଟି ଲେବଲ୍ କାର ପାର୍କିଂ ସିଷ୍ଟମ୍ (ବହୁତଳ କାର ରହଣି ବ୍ୟବସ୍ଥା) ଯାହାକି ରାଜ୍ୟର ସର୍ବପ୍ରଥମ ତାହାକୁ ବୁଲି ଦେଖିଥିଲେ । ଉଭୟ କାର୍ଯ୍ୟକ୍ରମରେ ଇଡ୍‌କୋର ଅଧକ୍ଷ ତଥା ପରିଚ୍ଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ, ଡ.ଗଣେଶ୍ୱର ଜେନା, ସିଜିଏମ୍ (ପି ଆଣ୍ଡ ଏ), ଡ. ଭକ୍ତକବି ଦାସ, ସିଜିଏମ୍ (ପି ଆଣ୍ଡ ସି) ଶ୍ରୀ ଶାଶ୍ୱତ ପଟ୍ଟନାୟକ ପ୍ରକଳ୍ପ ମୁଖ୍ୟ, ଶ୍ରୀ କୁଶଧର ମହନ୍ତ ସିଜିଏମ୍ (ଏମ୍‌ଏସ୍‌ଏମ୍‌ଇ) ଏବଂ ବିଜୟ କୁମାର ସ୍ୱାଇଁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ ।

### କ୍ଲିନିକ୍‌ରେ ଗୁଳିମାଡ଼ ଘଟଣା

## ଔଷଧ ଦୋକାନୀଙ୍କ ମୃତ୍ୟୁ, ଡ଼ାକ୍ତର ଚିକିତ୍ସାଧିନ

ଖୋର୍ଦ୍ଧା, (ପିଏନ)- ଗତକାଲି ସଂନ୍ଧ୍ୟାରେ ଖୋର୍ଦ୍ଧାର ଏକ କ୍ଲିନିକ୍ ରେ ହୋଇଥିବା ଗୁଳିମାଡ଼ ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବା ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁଙ୍କ ଆଜି ଭୋର୍ ରୁ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ଗୁଳି ମାଡ଼ରେ ଗୁରୁତର ହୋଇଥିବା ଶିଶୁରୋଗ ବିଶେଷଜ୍ଞ ଡ଼ାକ୍ତର ମାନସ ଦାସ ସମ୍ପ୍ରତି ଚିକିତ୍ସାଧିନ ଅଛନ୍ତି । ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ଆଜି ଜିଲ୍ଲାରେ ସମସ୍ତ ଔଷଧ ଦୋକାନ ବନ୍ଦ ରହିଛି । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୋଲିସ ୨୪ ଘଂଟା ମଧରେ ଗିରଫ କରୁ ବୋଲି ଦାବି କରିଛି ଔଷଧ ବ୍ୟବସାୟୀ ସଂଘ । ନଚେତ୍ ଆସନ୍ତା ୧୮ ତାରିଖ ଠାରୁ ଜିଲ୍ଲାରେ ସମସ୍ତ ଔଷଧ ଦୋକାନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସଂଘ ଚେତାବନୀ ଦେଇଛି ।

ଖୋର୍ଦ୍ଧା ଏସଡ଼ିପିଓ ସୁଶିଲ୍ ମିଶ୍ରଙ୍କ ସୂଚନା ଅନୁଯାୟୀ, ଜମିଜମା ବିବାଦକୁ ନେଇ ଏଭଳି ଗୁଳିକାଣ୍ଡ ହୋଇଛି । ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଆଇଜିଙ୍କ ନିର୍ଦ୍ଦେଶ କ୍ରମେ ତଥା ଏସପିଙ୍କ ନେତୃତ୍ୱରେ ପୋଲିସର ୪ଟି ଟିମ୍ ଗଠନ କରାଯାଇଛି । ବିଭିନ୍ନ ଦିଗରୁ ପୋଲିସ ଟିମ୍ ତଦନ୍ତ ଚଳାଇଛି । ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର ଓ ନୟାଗଡକୁ ଗୋଟିଏ ଲେଖାଏଁ ଟିମ୍ ପଠାଯାଇଛି । ଅପରାଧୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜେଲ୍ କୁ ଘଟଣା ଦିନର ସିସିଟିଭି ଫୁଟେଜ୍ ପଠାଯାଇଛି । ତଦନ୍ତର ତଦାରଖ କରୁଛନ୍ତି କେନ୍ଦ୍ରାଂଚଳ ଆଇଜି ଆଶିଷ ସିଂହ । ସେହିପରି ଖୋର୍ଦ୍ଧା ପାଖାପାଖି ରାସ୍ତା କଡ଼ରେ ଥିବା ସମସ୍ତ ସିସିଟିଭି ଯାଂଚ୍ କରାଯାଉଛି । ଗୋଟିଏ ସିସିଟିଭିରୁ ସନ୍ଦିଗ୍ଧ ନୟାଗଡ଼ ଆଡକୁ ଯାଉଥିବା ଜଣାପଡୁଥିବା ଖୋର୍ଦ୍ଧା ଏସପି ଅଜୟ ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ସେ କହିଛନ୍ତି ।

ପ୍ରକାଶ ଥାଉ କି, ରବିବାର ସଂନ୍ଧ୍ୟାରେ ଡ଼ାକ୍ତର ଶ୍ରୀ ଦାସ କ୍ଲିନିକ୍ ରେ ରୋଗୀ ଦେଖୁଥିଲେ । ଏହି ସମୟରେ ବାଇକ୍ ରେ ଆସିଥିବା ଦୁଇ ଦୁର୍ବୃତଙ୍କ ମଧ୍ୟରୁ ଜଣେ କ୍ଲିନିକ୍ ରେ ଜୋରଜବରଦସ୍ତ ପଶି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା । ଫଳରେ ତାଙ୍କ ଛାତି ଓ ପେଟରେ ଗୁଳି ବାଜିଥିଲା । ଗୁଳି ଶବ୍ଦ ଶୁଣି ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାମ୍ନାକୁ ଆସିବାରୁ ଦୁର୍ବୃତ ତାଙ୍କ ଉପରକୁ ମଧ ଗୁଳି ଚଳାଇଥିଲା । ଗୁଳିଟି ତାଙ୍କ ପେଟରେ ବାଜିଥିଲା । ଏଭଳି ହିଂସାକାଣ୍ଡ ଭିଆଇବା ପରେ ସେମାନେ ଆଖି ପିଛୁଳାକେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସିସିଟିଭି ଫୁଟେଜ୍ କୁ ଭିତି କରି ଛାନଭିନ୍ ଜାରୀ ରଖିଛି । ତେବେ ଅଦ୍ୟାବଧି ମାମଲାରେ ଜଡ଼ିତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି ।

## ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ଉଚ୍ଛେଦ କାର୍ଯ୍ୟ ଜାରୀ

## ସାନଛତା ମଠର ସମସ୍ତ ଘର ଭାଙ୍ଗିଲା

ପୁରୀ, (ପିଏନ)-ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ରୁ ଉଚ୍ଛେଦ କାର୍ଯ୍ୟ ଜାରୀ ରହିଛି । ଆଜି ଦୋଳବେଦୀ କୋଣରେ ଥିବା ସାନଛତା ମଠର ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି । କେବଳ ମଠର ମନ୍ଦିର ଛଡା ଅନ୍ୟ ସବୁ ଘରଗୁଡିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଇଛି । ସୋମବାର ଦିନ ରଞ୍ଜନ ଲୁହା ଦୋକାନର ବ୍ୟବସାୟିକ କୋଠାକୁ ସଂପୂର୍ଣ୍ଣ ଭାଙ୍ଗି ଦିଆଯାଇଛି । ଏହି କୋଠାକୁ ଭାଙ୍ଗିବା ପାଇଁ ବହୁ ମୂଲଚାଲ ପରେ ଅଧିକ ଦରରେ ପ୍ରଶାସନ କିଣିଥିବା ଶୁଣାଯାଉଛି । ଏହି କୋଠା ନଭାଙ୍ଗିବା ପାଇଁ ସଂପୃକ୍ତ ବ୍ୟବସାୟୀ ବହୁ ଚେଷ୍ଟା କରି ଶେଷରେ ବିଫଳ ହୋଇଥିଲେ । କୋଠାର ତଳେ ଲୁହା ଦୋକାନ ଚାଲିଥିବା ବେଳେ ଉପରେ ଲଜିଂ ଚାଲୁଥିଲା । ଏହି ଉଚ୍ଛେଦ କାର୍ଯ୍ୟ ପରେ ଏବେ ବଡଦାଣ୍ଡରୁ ଦୋଳବେଦୀ ସଂପୂର୍ଣ୍ଣ ଦୃଶ୍ୟମାନ ହେଉଛି । ଏହାସହ ଲଙ୍ଗୁଳି ମଠ ଠାରୁ ଦୋଳବେଦୀ ମଧ ଦେଖାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ବଡଆଖେଡା ମଠର ମନ୍ଦିର ପାଖରେ ମହନ୍ତଙ୍କ ପାଇଁ ଦୁଇମହଲା କୋଠା ରହିଛି । ତାହାକୁ ଭଙ୍ଗା ନଯିବାରୁ ଏହା ମନ୍ଦିର ଚାରିପଟ ସୌନ୍ଦର୍ଯ୍ୟକରଣରେ ବାଧକ ସାଜିଛି ବୋଲି ଭକ୍ତମାନେ କହୁଛନ୍ତି । ସେହିପରି ଦୋଳମଣ୍ଡପ ସାହି ପ୍ରବେଶ ପଥରେ ଥିବା ଦୋକାନୀ ପୁରୁଣା ମଠ ଭିତରେ ପିଲର କରି ଦୁଇମହଲା ଛାତ ପକାଇଥିଲେ । ମଙ୍ଗୁମଠର ପୂଜାରୀ ସେହିଠାରେ ରହିବା ପାଇଁ କହିବାରୁ ପ୍ରଶାସନ ପକ୍ଷରୁ ତାହାକୁ ଭଙ୍ଗାଯାଇନଥିଲା । ସୋମବାର ଦିନ ତଳଘର ଇଟା ଗଦା ଯାଉଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ମଠପକ୍ଷରୁ ଟେବୁଲ ଓ ଭଙ୍ଗା ଚେୟାର ଉପର ମହଲାରେ ଗଦା ହୋଇଥିବା ଦୃଶ୍ୟମାନ ହେଉଛି । ଏହି ଘରଟି ରଖିବା ପଛରେ ଅନେକ ରହସ୍ୟ ରହିଛି ବୋଲି ସହରରେ ଆଲୋଚନା ହେଉଛି ।

## ୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା ଉଦଘାଟିତ



ଭୁବନେଶ୍ୱର,(ପିଏନ)-ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଚଳିତବର୍ଷ ୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ସପ୍ତମ ବାଟାଲିୟନଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରି ଏକ ବର୍ଣ୍ଣାଢ଼୍ୟ ଆନୁଷ୍ଠାନିକ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଓ କ୍ରୀଡ଼ା ଅଧିକାରୀ ମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ସର୍ବ ସଫଳତା କାମନା କରିଥିଲା । ସେ ତାଙ୍କ ବକ୍ତବ୍ୟରେ ସମସ୍ତ ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକ ମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଓଡ଼ିଶା ପୋଲିସକୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ଅଲ୍ ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଂଟ୍ରୋଲ ବୋର୍ଡ଼କୁ କୃତଜ୍ଞତା ଜଣାଇଥିଲେ । ଏହି ସର୍ବ ଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସମ୍ପୃତ ସହଯୋଗ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଶ୍ରୀ ଅଭୟ ଆଶା ପୋଷଣ କରିଥିଲେ ଯେ, ଚଳିତ ପ୍ରତିଯୋଗିତାରେ ଖେଳାଳୀମାନେ ସେମାନଙ୍କ ଶ୍ରେଷ୍ଠ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ ।

ଆଜିର ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମ୍ପାଦକ ଅମିତାଭ ଠାକୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପାଧକ୍ଷ ତଥା ପୋଲିସ କମିଶନର ଡା. ସୁଧାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଉପାଧକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତା ଡିସେମ୍ବର ୧୬ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜନ କରାଯାଉଅଛି । ଏହି ସର୍ବଭାରତୀୟ ପ୍ରତିଯୋଗିତାରେ ଅନ୍ୟୁନ ୨୩ଟି ଦଳରୁ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ସେହିପରି ବିଭିନ୍ନ ରାଜ୍ୟ ପୋଲିସ ଦଳ ଓ କେନ୍ଦ୍ରୀୟ ପୋଲିସ ଦଳରୁ ପ୍ରାୟ ୨୦୦ ଜଣ ପ୍ରଶିକ୍ଷକ ଓ ଅଧିକାରୀ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ସବୁ ଲିକ୍ କମ୍ ନକ୍ ଆଉଟ୍ ଆଧାରରେ ଖେଳାଯିବ । ସର୍ବଭାରତୀୟ ପୋଲିସ କଂଟ୍ରୋଲ ବୋର୍ଡ଼ର ଦିଗ୍‌ଦର୍ଶନରେ ଏହି ପ୍ରତିଯୋଗିତା ଓଡ଼ିଶା ପୋଲିସ ଦ୍ୱାରା ଆୟୋଜନ କରାଯାଉଛି ଏବଂ ଏହା ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ମଧ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ କ୍ରୀଡ଼ା ମାସ୍କଟ ଓଲି କୁ ଏହି ପ୍ରତିଯୋଗିତାର ମାସ୍କଟ ଭାବେ ଗ୍ରହଣ କରାଯାଇଛି । ଓଲି ହେଉଛି ଓଡ଼ିଶାର ବିରଳ ଅଲିଭ୍ ରିଡ଼୍‌ଲେ କଇଁଛ । ଏହି ସର୍ବ ଭାରତୀୟ ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀଙ୍କ ଅଧକ୍ଷତାରେ ବିଭିନ୍ନ କମିଟି ମାନ ଗଠନ କରାଯାଇ କାର୍ଯ୍ୟ କାର୍ଯ୍ୟ କରାଯାଉଛି ।

ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଏହି ପ୍ରତିଯୋଗିତା ପରିଚାଳନା କମିଟିର ଅଧକ୍ଷ ଅଛନ୍ତି । ପୋଲିସ କମିଶନର ଡା. ସୁଧାଂଶୁ ଷଡ଼ଙ୍ଗୀ ଓ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ପରିଚାଳନା କମିଟିର ଉପାଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ଆଇ.ଜି. ଅମିତାଭ ଠାକୁର ପ୍ରତିଯୋଗିତାର ପିରଚାଳନା ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହନ କରୁଛନ୍ତି । ସେହିପରି ବିଭିନ୍ନ କମିଟି ଯଥା ଅଭ୍ୟର୍ଥନା, ବାସ ବ୍ୟବସ୍ଥା, ଗମନା ଗମନ, ଅର୍ଥ, ସ୍ମରଣିକା ପ୍ରକାଶନ, ପ୍ରଚାର ଓ ଗଣ ମାଧମ, ଚିକିତ୍ସା ଓ ଡୋପ ପରୀକ୍ଷା, ଟ୍ରାଫିକ ଓ ନିରାପତା ଆଦି କାର୍ଯ୍ୟ କରୁଛନ୍ତି । ଏହି ସବୁ କମିଟି ଗୁଡ଼ିକ ଦାୟିତ୍ୱରେ ବଛା ବଛା ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ପ୍ରତିଯୋଗିତାର ସୁପରିଚାଳନ ପାଇଁ ରାଜ୍ୟରେ କାର୍ଯ୍ୟ କରୁଥିବା ରାଜ୍ୟ ହକି ସଂଘ ଆବଶଞ୍ଚକ ସହଯୋଗ କରୁଛନ୍ତି । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା କ୍ରୀଡ଼ାବିତ୍, କୋଚ୍ ଓ କ୍ରୀଡ଼ା ଅଧିକାରୀ ମାନଙ୍କୁ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନ ମାନଙ୍କରେ ରଖାଯାଉଛି ।

ଏହି ପ୍ରତିଯୋଗିତାର ଉଦଯାପନ କାର୍ଯ୍ୟକ୍ରମ ମଧ୍ୟ ସପ୍ତମ ବାଟାଲିୟନ ଠାରେ ଆୟୋଜନ କରାଯିବ । ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ପୋଲିସ ବଳରୁ ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଥିବାରୁ ସେମାନଙ୍କ ରହଣି, ଖାଦ୍ୟପେୟ, ଅଭ୍ୟର୍ଥନା, ଯାତାୟତ ଓ ପ୍ରତିଯୋଗିତା ପରିଚାଳନାରେ ଯେପରି ସାମାନ୍ୟତମ ତ୍ରୁଟି ବିଚ୍ୟୁତି ନ ହୁଏ ସେଥିପାଇଁ ସଜାଗ ରହିବାକୁ ଅଭୟ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଓଡ଼ିଶା ପୋଲିସ ଓ ସାମଗ୍ରୀକ ଭାବେ ରାଜ୍ୟର ସମ୍ମାନ ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆରକ୍ଷୀ ମହାନିର୍ଦ୍ଦେଶକ ଅନୁରୋଧ କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରିବେ ।






# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ନକ୍ସାଲ ପାଣ୍ଠି ପାଇଁ ଗଞ୍ଜେଇ ଚଷ



ସମଗ୍ର ବିଶ୍ୱରେ ଏବେ ଆତଙ୍କବାଦ ସବୁଠାରୁ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ବେଳେ କେଉଁ ଦେଶରେ, କେଉଁଠି ଓ କେତେବେଳେ ବିସ୍ଫୋରଣ ହେବ କିମ୍ବା ଆତଙ୍କବାଦୀ ଆକ୍ରମଣ ହେବ ତାହା କେହି କହିପାରିବ ନାହିଁ । ଆଧୁନିକ ଟେକ୍ନୋଲୋଜିର ସହାୟତାରେ ଆତଙ୍କବାଦୀମାନେ ମଧ୍ୟ ହାଇଟେକ୍ ହୋଇଗଲେଣି । ଆତଙ୍କବାଦୀଙ୍କ ପ୍ରଶିକ୍ଷଣ ପାଇଁ ଯେମିତି ୟୁଟ୍ୟୁବ, ଅନଲାଇନ ମାଗାଜିନକୁ ମାଧ୍ୟମ କରାଯାଇଛି ଠିକ୍ ସେମିତି ଏହି କାର୍ଯ୍ୟପାଇଁ ଅନ୍ ଲାଇନ ଦେଣନେଣ ଦେଶ ଓ ବିଦେଶରୁ ଜାରିଥିବା ନେଇ ଏନଆଇଏ ଡିଜି ୱାଇସି ମୋଦି ଭୁବନେଶ୍ୱରରେ ପ୍ରକାଶ କରିଛନ୍ତି । ଶ୍ରୀ ମୋଦି ରାଜ୍ୟର ପ୍ରମୁଖ ପୁଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା ଅବସରରେ ରାଜ୍ୟରେ ଏଥିପାଇଁ ପ୍ରଶିକ୍ଷିତ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବା ଉପରେ ଜୋର ଦେଇଥିଲେ । ରାଜ୍ୟର ପୁଲିସ ଭବନଠାରେ ଅନୁଷ୍ଠିତ ଆତଙ୍କବାଦ ସଂକ୍ରାନ୍ତୀୟ ମାମଲାର ଅନୁସନ୍ଧାନ ନେଇ ଉପସ୍ଥିତ ୧୦୦ ରାଜ୍ୟ ପୁଲିସ ଅଧିକାରୀମାନଙ୍କୁ ବୁଝାଇବାକୁ ଯାଇ ସେ କହିଲେ ଯେ ଆତଙ୍କବାଦ ଏବଂ ନକ୍ସଲବାଦ ବାହାର ଅର୍ଥରେ ବଞ୍ଚିଥାଏ । ଏମାନଙ୍କୁ ମିଳୁଥିବା ଅର୍ଥର ସ୍ରୋତଗୁଡିକୁ ବନ୍ଦ କରାଯାଇପାରିଲେ ସେମାନଙ୍କ ସଂଗଠନ ଦୁର୍ବଳ ହେବ । ଏହାର ଉଦାହରଣ ଦେବାକୁ ଯାଇ ସେ କହିଲେ ଯେ ଆସାମ ରାଜ୍ୟରେ ସକ୍ରିୟ ବୋଡୋଲାଣ୍ଡ ସନ୍ତ୍ରାସବାଦୀମାନଙ୍କ ମାମଲାର ତଦନ୍ତ କରାଯାଇ ଏନଆଇଏ ପକ୍ଷରୁ ଅନେକ ନେତା ଓ କର୍ମୀମାନଙ୍କୁ ଗିରଫ କରାଯିବା ପରେ ସେହି ସଂଗଠନ ଦୁର୍ବଳ ହୋଇଥିଲା । ସେମାନଙ୍କ ଅର୍ଥପ୍ରାପ୍ତିର ଉତ୍ସଗୁଡିକ ବନ୍ଦ ହେବାପରେ କାର୍ଯ୍ୟକରିବା ଏବଂ ସଂଗଠନର କର୍ମୀମାନଙ୍କ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇଛି । ଯଦି ଓଡଶା ପରିପ୍ରେକ୍ଷୀରେ ଆଲୋଚନା କରାଯାଏ ତେବେ ଦେଖିବାକୁ ମିଳିବ ଯେ ଅନୁଗୁଳ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଂଗପୁର ଆଜି ଜିଲ୍ଲାରୁ ଅଧିକ ପରିମାଣର ଗଞ୍ଜେଇ ରାଜ୍ୟର ଅନ୍ୟ ଜିଲ୍ଲାକୁ ଏବଂ ରାଜ୍ୟବାହାରକୁ ଚଲାଣ କରାଯିବା ସମୟରେ ଧରାପଡୁଛି । ଏହାର କାରଣ ହେଲା ଏବେ ରାଜ୍ୟରେ ସକ୍ରିୟଥିବା ନକ୍ସାଲ ଉଗ୍ରବାଦୀମାନେ ଲୋକଙ୍କ ମଧ୍ୟରେ ସାଧାରଣ ଜୀବନ ନିର୍ବାହ କରିବା ସହ ସେମାନଙ୍କ ସହଯୋଗ ନେଇ ଗଞ୍ଜେଇ ଚଷ କରୁଛନ୍ତି କିମ୍ବା କରାଉଛନ୍ତି । ଗଞ୍ଜେଇ ପ୍ୟାକେଟଗୁଡିକର ପରିବହନ ଏବଂ ଯୋଗାଣ ପାଇଁ ସେମାନେ କଲେଜ ଛାତ୍ରଛାତ୍ରୀ ଏବଂ ମହିଳାମାନଙ୍କୁ ଉପଯୋଗ କରୁଛନ୍ତି । ଓଡିଶାର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଲୋକେ ଏବେ ଧାନ ଅପେକ୍ଷା ଗଞ୍ଜେଇ ଚଷକୁ ଅଧିକ ପସନ୍ଦ କରୁଛନ୍ତି । ଏହି ଚଷରୁ ଅଧିକ ଲାଭ ହେଉଥିବା ଯୋଗୁ ନକ୍ସାଲ ଏବଂ ସେମାନଙ୍କ ଲୋକେ ଗଞ୍ଜେଇ ଚଷ କରିବାକୁ ଗ୍ରାମବାସୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଅନ୍ୟପକ୍ଷରେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡିକରେ ଏପରିକି ପାହାଡ ଉପରେ ନକ୍ସଲମାନେ ନିଜ କ୍ୟାଡରମାନଙ୍କ ମାଧ୍ୟମରେ ଗଞ୍ଜେଇ ଉତ୍ପାଦନ କରି ପାଣ୍ଠି ସଂଗ୍ରହ କରୁଛନ୍ତି । ଏନ୍ଆଇଏ ଡିଜିଙ୍କ କହିବାନୁସାରେ ରାଜ୍ୟରେ ନକ୍ସାଲଙ୍କ ଗଞ୍ଜେଇ ପାଣ୍ଠି ସଂଗ୍ରହକୁ ନିୟନ୍ତ୍ରଣ କରାଯାଇପାରିଛି । ଏହାକୁ ବିଶ୍ୱାସ କରିବା ଆମପକ୍ଷରେ କଷ୍ଟକର । ତା' ହୋଇଥିଲେ ରାଜ୍ୟ କୋଣାନୁକୋଣରୁ ସବୁଦିନ ଏତେ ପରିମାଣର ଚୋରା ଗଞ୍ଜେଇ ଚଲାଣ ଧରାପଡୁନଥାନ୍ତା । ଆଫଗାନିସ୍ତାନର ତାଲିବାନ ସନ୍ତ୍ରାସବାଦୀଙ୍କ ପାଣ୍ଠିର ମୁଖ୍ୟସ୍ରୋତ ଯେପରି ଅଫିମ ଚଷ ଉପରେ ଅଧିକ ନିର୍ଭରଶୀଳ ସେମିତି ଓଡିଶାର ଜଙ୍ଗଲରେ ସକ୍ରୀୟ ଥିବା ନକସାଲ ଉଗ୍ରବାଦୀଙ୍କ ପାଣ୍ଠି ମଧ୍ୟ ଗଞ୍ଜେଇ ଉପରେ ଅଧିକାଂଶ ମାତ୍ରାରେ ନିର୍ଭର କରିଥାଏ । ତେବେ ରାଜ୍ୟରେ କାର୍ଯ୍ୟରତ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଅପ୍ରକାଶ୍ୟରେ ନକସାଲ ବାହିନୀ ପାଇଁ ଲୋକମତ ସୃଷ୍ଟି, ଗଣମାଧ୍ୟମରେ ପ୍ରଚାର, ଅର୍ଥଯୋଗାଣ, ଲୁଚି ରହିବାରେ ସାହାଯ୍ୟ ଆଦି କରୁଛନ୍ତି । ସଫେଦ ସନ୍ତ୍ରାସୀବାଦୀ ସହରାଞ୍ଚଳରେ କାର୍ଯ୍ୟରତ ଲୋକଙ୍କୁ ଧରିବାପାଇଁ ରାଜ୍ୟ ପୁଲିସର ତତ୍ପରତା ଏଯାଏ ପ୍ରକାଶ ପାଇନାହିଁ । ନକ୍ସାଲମାନଙ୍କ ସହ ସଂପୃକ୍ତ ଥିବା ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ମୋଟା ଅଙ୍କର ପାଣ୍ଠି ଯୋଗାଣରେ ବଡ ଭୂମିକା ନେଉଛନ୍ତି । କୋରାପୁଟରେ ପୂର୍ବେ ରାଜ୍ୟର ଏକ ପ୍ରମୁଖ ଇଞ୍ଜିନିୟରିଂ କଲେଜ ସମୂହ ଗୋଷ୍ଠୀର ଗାଡିରୁ ପ୍ରାୟ ୧୨ଲକ୍ଷ ଟଙ୍କା ପୁଲିସ ଜବତ କରିଥିଲା । ସେତେବେଳେ ସେହି ଅର୍ଥ ନକ୍ସାଲମାନଙ୍କ ନିକଟକୁ ଯାଉଥିବା ନେଇ ଖବରପ୍ରକାଶ ପାଇଥିଲା । ହେଲେ ପୁଲିସ ଅନୁସନ୍ଧାନର ରିପୋର୍ଟ ସାଧାରଣଙ୍କୁ ଆସିପାରିଲା ନାହିଁ । ଏମିତି ନକ୍ସାଲଙ୍କୁ ଅର୍ଥ ଯୋଗାଣର ଉତ୍ସ ବିଷୟରେ ସୂଚନା ଥାଇ ମଧ୍ୟ ପାଣ୍ଠିରେ ଲଗାମ ଲଗାଇବା ସମ୍ଭବପର ହେଉନାହିଁ । ଖୋଦ୍ ପୁଲିସ ଡିଜି ଏ ବିଷୟକୁ ସ୍ୱୀକାର କରିଛନ୍ତି । ଭୁବନେଶ୍ୱରସ୍ଥିତ ଏସ୍‌ଟିଏଫ କାର୍ଯ୍ୟାଳୟରେ ଗଞ୍ଜେଇଚଷର ନିୟନ୍ତ୍ରଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକରେ ପୁଲିସ ମହାନିର୍ଦ୍ଦେଶକ (ଡିଜି) ବିଜୟ କୁମାର ଶର୍ମା ଏଥିପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଶ୍ରୀ ଶର୍ମା ପୁଲିସ ବିଭାଗର ପଦକ୍ଷେପ ନେଇ ସନ୍ତୁଷ୍ଟ ରହିଛନ୍ତି । ୨୦୧୭ ଏବଂ ୨୦୧୮ ବର୍ଷରେ ଲକ୍ଷ୍ୟଠାରୁ ଅଧିକ ପରିମାଣର ଗଞ୍ଜେଇଚଷ ପୁଲିସ ନଷ୍ଟ କରିବାକୁ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏହାର ପ୍ରମାଣ ଦେଇ ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ୫୦୦ ଏକର ଗଞ୍ଜେଇଚଷ ନଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ତାହା ୨୦୦୦ଏକରକୁ ଛୁଇଁଛି । ତେବେ ଏହି ଗଞ୍ଜେଇ ଚଷ ଲୁଚଛପାରେ ଯେ ହେଉଛି ତା ନୁହେଁ । ବନବିଭାଗ ଏବଂ ସରକାରୀ ଜମିରେ ଏହି ଚଷ ହେଉଥିଲାବେଳେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ସେ ନେଇ ପ୍ରବର୍ତ୍ତନକାରୀ ସଂସ୍ଥାକୁ ସୂଚନା ଦେଉନଥିବା ହେତୁ ଅନେକ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବପର ହେଉନାହିଁ । ତେଣୁ ରାଜ୍ୟରେ ଗଞ୍ଜେଇ ଚଷକୁ ନେଇ ଏବେ ସୁଦ୍ଧା ହୋଇଥିବା ଗିରଫ ସଂଖ୍ୟା ଆଶାନୁରୂପକ ନୁହେଁ ବୋଲି ଖୋଦ୍ ଶ୍ରୀ ଶର୍ମା ସ୍ୱୀକାର କରିଛନ୍ତି । ତେଣୁ ଗଞ୍ଜେଇ ଚଷ ସଂକ୍ରାନ୍ତୀୟ ସୂଚନାକୁ ଲୁଚାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି । ସେ ତାଙ୍କ ବକ୍ତବ୍ୟରେ ସରକାରୀ ବିଭାଗୀୟ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଚେତାବନୀ ଶୁଣାଇଛନ୍ତି । ଏଥିରୁ ସ୍ପଷ୍ଟ ଯେ ଚୋରଙ୍କ ସହ ସରକାରୀ କର୍ମଚାରୀମାନେ ମଧ୍ୟ ସାମିଲ ରହିଛନ୍ତି । ସେମାନଙ୍କ ଜ୍ଞାତସାରରେ ଏହି ଚଷ ହେଉଥିଲେ ମଧ୍ୟ ସେମାନେ ନ ଜାଣିଲା ପରି ଚୁପ୍ ରହୁଛନ୍ତି ।

ଏକଥା ସତ ଯେ ରାଜ୍ୟର ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ୯ଟି ଜିଲ୍ଲାରେ ଅଧିକ ସଂଖ୍ୟାରେ ଗଞ୍ଜେଇଚଷ ହେଉଛି । ସେହି ଜିଲ୍ଲାଗୁଡିକ ହେଲା ଅନୁଗୋଳ, ସମ୍ବଲପୁର, ଦେବଗଡ, ମାଲକାନଗିରି, ରାୟଗଡା, କୋରାପୁଟ, ବୌଦ୍ଧ, ଗଜପତି ଏବଂ କନ୍ଧମାଳ । ବିଶେଷକରି ଗ୍ରାମାଞ୍ଚଳରେ ଥିବା ସରକାରୀ ଜମି କିମ୍ବା ରିଜର୍ଭ ଫରେଷ୍ଟରେ ଏହିସବୁ ଚଷ କରାଯାଉଛି । କାରଣ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ଗଞ୍ଜେଇ ଧରାପଡିଲେ ଚଷ ଜମିର ମାଲିକ ଗିରଫ ହେବାର ସମ୍ଭାବନା ରହିଛି । ତେଣୁ ଲୋକେ ବନ ବିଭାଗ ଏବଂ ସରକାରୀ ଜମିକୁ ଚଷପାଇଁ ଠିକ୍ ସ୍ଥାନ ବୋଲି ଧରିନେଇଛନ୍ତି । କାରଣ ଏହି ଜମିରେ ଚଷ କଲେ ମାଲିକ ଧରାହେବାର ସମ୍ଭାବନା ନାହିଁ, ଯାହା ଗଛଗୁଡିକ ଖାଲି ନଷ୍ଟ ହେବ । ଏ ସଂକ୍ରାନ୍ତରେ ଗୁଇନ୍ଦା ତଥ୍ୟ ସଂଗ୍ରହ ଠିକଣା ଢଙ୍ଗରେ ହେଉନଥିବା ହେତୁ ରାଜ୍ୟରେ ଗିରଫଦାରୀ ସଂଖ୍ୟା କମ୍ ରହିଛି । ତେଣୁ ଗୁଗଲମ୍ୟାପର ସହାୟତା ନେବା ସହ ଏନ୍‌ଡିପିଏସ୍ ଆଇନର ଧାରା ୬୮ ଅନୁଯାୟୀ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ଡିଜି କହିଛନ୍ତି । ଏହାଛଡା ଚୋରା ନିଶା କାରବାର ମାଧ୍ୟମରେ ଠୁଳ ହୋଇଥିବା ସଂପତ୍ତିକୁ ବାଜ୍ୟାପ୍ତି କରାଯାଇପାରିବ । ପୁଲିସ ଅଧିକାରୀମାନେ ନିଜ ଅଞ୍ଚଳରେ ଚୋରା ଗଞ୍ଜେଇଚଷ ନଷ୍ଟ କରିବାକୁ ସଂକଳ୍ପବଦ୍ଧ ହେଲେ ହିଁ ବାସ୍ତବଲକ୍ଷ୍ୟ ପୂରଣ ହୋଇପାରିବ । ନଚେତ୍ ଆମେ ଯଦି ଧରିନେବା ଯେ ସାଧାରଣ ଲୋକେ ଏହାର ବିରୋଧକଲେ ପୁଲିସ ପଦକ୍ଷେପ ନେବ ତାହା ଏତେଟା ସହଜ ନୁହେଁ । କାରଣ ଏପ୍ରକାର ମାମଲାରେ ବିରୋଧ କରୁଥିବା ଲୋକମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ପାଇଁ ଅପରାଧୀମାନେ ପଛାଇ ନ ଥାନ୍ତି । ନିକଟରେ ଖଣ୍ଡପଡାଠାରେ ଜଣେ କଲେଜ ଛାତ୍ର ସ୍ଥାନୀୟ ଅଞ୍ଚଳରେ ନିଶା କାରବାରକୁ ବିରୋଧ କରିବା ହେତୁ ନିଶା ବ୍ୟବସାୟୀମାନଙ୍କ କ୍ରୋଧର ଶିକାର ହୋଇଥିଲେ । ସେ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ସେ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ । ଏବେ ମଧ୍ୟ ତାଙ୍କର ଚିକିତ୍ସା ଜାରିରହିଛି । ଏଠାରେ ଉଲ୍ଲେଖ କରିବା କଥା ହେଲା ଯେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କ ସଂପୃକ୍ତି ଥିବା ପୁଲିସ ଦୃଷ୍ଟିକୁ ଆସିଥିଲା । ଅପରାଧୀମାନଙ୍କୁ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଏବଂ ଦିଲ୍ଲୀରୁ ପରେ ଗିରଫ କରାଯାଇଥିଲା । ଗତବର୍ଷ ରାଜ୍ୟରେ ୧ କୋଟି ୩୭ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯିବା ନେଇ ହିସାବ ରହିଛି । କିନ୍ତୁ ରାଜ୍ୟର ମାଓ ଅଧ୍ୟୁଷିତ ଅପହଞ୍ଚ ଇଲାକା, ଘଞ୍ଚ ଜଙ୍ଗଲ ଏବଂ ପାହାଡଗୁଡିକର ଉପରେ ସ୍ଥାନୀୟ ଲୋକେ ଗଞ୍ଜେଇ ଚଷ କରିଆସୁଛନ୍ତି । ମାଓବାଦୀମାନଙ୍କ ଅର୍ଥ ସଂଗ୍ରହ ପାଇଁ ନିଶା ବ୍ୟବସାୟ ଏକ ବଡ ମାଧ୍ୟମ ହୋଇଛି । ଘଞ୍ଚ ଜଙ୍ଗଲରେ ମାଓବାଦୀମାନେ ଗ୍ରାମବାସୀଙ୍କୁ ଗଞ୍ଜେଇ ଚଷରେ ନିୟୁକ୍ତ କରି ସୁରକ୍ଷା ପ୍ରଦାନ କରୁଛନ୍ତି । ସେସବୁ ଅଞ୍ଚଳକୁ ପୁଲିସ କିମ୍ବା ସାଧାରଣ ଲୋକେ ପ୍ରବେଶ କରିବାକୁ ନଥିବାରୁ ସେମାନେ ଅବାଧରେ ଗଞ୍ଜେଇଚଷ ଜାରି ରଖିଛନ୍ତି । ରାଜ୍ୟ ସରକାର ରାଜ୍ୟରେ ଗଞ୍ଜେଇଚଷକୁ ନିୟନ୍ତ୍ରଣ କରିବାକୁ ଏବେଠୁ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ତା' ନହେଲେ ଏହି ଚଷରୁ ପାଣ୍ଠି ଯୋଗାଣ ହେଉଥିବ ଏବଂ ନକସାଲଙ୍କ ଅସ୍ତ୍ରକିଣା ଚାଲିଥିବ ।

**ସୌମେନ୍ଦ୍ର ଜେନା,**
**ଭାରତୀୟ ସମ୍ବାଦ ସେବା (ଭାସ୍),**
**ଭୁବନେଶ୍ୱର-୭୫୧୦୦୩**

## ଓଡିଶା ଆସୁଛନ୍ତି ସିଇସି, ଓମ୍‌ବିଏଡିସି, ଫଣ୍ଡ ଖର୍ଚ୍ଚର କରିବେ ତର୍ଜମା

କେନ୍ଦୁଝର (ପିଏନ୍): ଓଡିଶା ଆସୁଛନ୍ତି ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କମିଟି । ପିଭି ଜୟକୃଷ୍ଣଙ୍କ ନେତୃତ୍ୱରେ ଏକ ୪ ଜଣିଆ କମିଟି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଓମବାଡସି ଓ ଏମ୍‌ବିଏଡିସି ଫଣ୍ଡ କିପରି ଖର୍ଚ୍ଚ ହୋଇଛି ସେ ନେଇ ସରଜମିନ୍ ତଦନ୍ତ କରିବେ । ଏହି କମିଟିରେ ପିଭି ଜୟକୃଷ୍ଣଙ୍କ ସହ ଅମରନାଥ ସେଠୀ, ଏସଜେ ପଟ୍ଟନାୟକ, ମହେନ୍ଦ୍ର ବ୍ୟାସ ରହିଛନ୍ତି । କମିଟି ମଙ୍ଗଳବାର ଦିଲ୍ଲୀରୁ ଆସି ଭୁବନେଶ୍ୱର ଠାରେ ପ୍ରଥମେ ବୈଠକ କରିଛନ୍ତି । ପରେ ସନ୍ଧ୍ୟାରେ କେନ୍ଦୁଝର ଆସି ରାତ୍ରି ରହଣି ପରେ ବୁଧବାର କେନ୍ଦୁଝରର ଯେ କୌଣସି ଖଣି ପ୍ରଭାବିତ ଅଂଚଳ ବୁଲି ଦେଖିଛନ୍ତି । ପରେ ମୟୁରଭଞ୍ଜ ଜିଲ୍ଲା ଯିବାର କାର୍ଯ୍ୟକ୍ରମ ରହିଛି । ଓମ୍‌ବାଡସି ହେଉଛି ଓଡିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଂଟ କର୍ପୋରେସନ୍ । ଏହା ହେଉଛି ଖଣି କମ୍ପାନୀ ପକ୍ଷରୁ ପ୍ରଦାନ ଅର୍ଥରେ ପ୍ରଭାବିତ ଅଂଚଳର ଉନ୍ନତି ପାଇଁ ସରକାରୀ ଅନୁଷ୍ଠାନ । ଏହି ଅନୁଷ୍ଠାନରେ ୧୭ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ରହିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ୩୬୮୪ ଟଙ୍କା ରହିଛି ।

## ସାମ୍ବାଦିକଙ୍କୁ ପୋଲିସ୍‌ର ଦୁର୍ବ୍ୟବହାର

କେନ୍ଦୁଝର (ପିଏନ୍): ହରିଚନ୍ଦନପୁର ପ୍ରେସ୍ କ୍ଲବ ତରଫରୁ କେନ୍ଦୁଝରର ସାମ୍ବାଦିକ ବନ୍ଧୁମାନେ କେନ୍ଦୁଝର ଟାଉନ୍ ଥାନାକୁ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ପୋଲିସ କର୍ମଚାରୀ ମାନେ ସାମ୍ବାଦିକଙ୍କୁ ଠେଲାପେଲା କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହାର ପ୍ରତିବାଦରେ ହରିଚନ୍ଦନପୁର ପ୍ରେସ୍ କ୍ଲବ ତରଫରୁ ହରିଚନ୍ଦନପୁର ତହସିଲଦାରଙ୍କ ନିକଟରେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ପ୍ରେସ୍ କ୍ଲବର ସଭାପତି ପ୍ରଶାନ୍ତ କୁମାର ନାୟକଙ୍କ ସହ ଅନ୍ୟ ସାମ୍ବାଦିକମାନେ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଯେଉଁ ପୋଲିସ୍ କର୍ମଚାରୀ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତହସିଲଦାରଙ୍କ ନିକଟରେ ଦାବି କରିଥିଲେ । ଯଦି ଏହାର କୌଣସି ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ସାମ୍ବାଦିକ ରାମଚନ୍ଦ୍ର ନାଏକ, ଭବାନୀ ପ୍ରସାଦ ମହାନ୍ତ, କୃଷ୍ଣଚନ୍ଦ୍ର ବେହେରା, ପରେଶ କୁମାର ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି ।

ଘଟର ଅବସାନ ହୋଇଛି ସତ କିନ୍ତୁ ଆତ୍ମା ଅବିନଶ୍ୱର (ଫଟୋ)

# ଆଦର୍ଶ ଶିକ୍ଷୟିତ୍ରୀ ଆରତୀ ମଞ୍ଜରୀଙ୍କ ଅକାଳ ବିୟୋଗରେ ସ୍ମୃତି ସଭା



ବାଲେଶ୍ୱର (ପିଏନ୍): ଆଦର୍ଶ ଶିକ୍ଷୟିତ୍ରୀ ଆରତୀ ମଞ୍ଜରୀ ମହାନ୍ତିଙ୍କର ଦ୍ୱାଦଶାହ ଅବସରରେ ଏକ ସ୍ମୃତି ସଭା ତାଙ୍କ ଜନ୍ମସ୍ଥାନ ବାସୁଦେବପୁର ପୌରପାଳିକା ଅଧିନସ୍ଥ ବାଖରପୁର ଗ୍ରାମରେ ଦୀପାବଳି ଦିନ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ତଥା ଯୋଗୀ ଗୌରାଙ୍ଗ ଚନ୍ଦ୍ର ପଟ୍ଟନାୟକଙ୍କର ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବାସୁଦେବପୁର ୟୁ.ଜି.ଏମ.ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ପଣ୍ଡା, ବାସୁଦେବପୁର ଅଟଳ ବିହାରି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ, କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, ସାମ୍ବାଦିକ ବନମାଳୀ ବାରିକ, କିଶୋର ମହାପାତ୍ର, ନକୁଳ ମଲ୍ଲିକ, ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ, ଦିଲ୍ଲୀପ କୁମାର ମିଶ୍ର, ମିନତୀ କୁଆଁର, ଦମୟନ୍ତୀ ଶତପଥୀ, ସାବିତ୍ରୀ ବାରିକ, ପୂର୍ବତନ ନଗରପାଳ ଅଶୋକ କୁମାର ଦାସ, ସମାଜସେବୀ ଇଂ. ମାଧବ ଚନ୍ଦ୍ର ମହାନ୍ତି, ରାଧାବଲ୍ଲଭପୁର ୟୁ.ଜି.ଏମ.ଇ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ଏବଂ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ନିତ୍ୟାନନ୍ଦ ପଟ୍ଟନାୟକ ଓ ଗ୍ରାମବାସୀମାନେ ଏହି ସ୍ମୃତି ସଭାରେ ଯୋଗ ଦେଇ ସ୍ୱର୍ଗତଃ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶିଶୁ କଣ୍ଠଶିଳ୍ପୀ କୁମାରୀ ସ୍ନେହାଙ୍କିତା ମହାନ୍ତି ବେଦମନ୍ତ୍ର ଉଚ୍ଚାରଣ କରିଥିଲେ । ସ୍ୱର୍ଗୀୟା ଆରତୀ ମହାନ୍ତି ବାଖରପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଶିକ୍ଷକ ସ୍ୱର୍ଗତ ନରହରି ମହାନ୍ତିଙ୍କର କନିଷ୍ଠା କନ୍ୟା । ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟର ଉଚ୍ଚଶିକ୍ଷା କୃତିତ୍ୱର ସହ ହାସଲ କରିବା ପରେ ସେ ଆଗରପଡା ବି.ଇଡି କଲେଜରୁ ତାଲିମପ୍ରାପ୍ତ ହୋଇ ପ୍ରଥମେ ମାର୍କୋଣା ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ପରେ ବାସୁଦେବପୁର ୟୁଜିଏମଇ ସ୍କୁଲରେ ଦୀର୍ଘ ୨୫ ବର୍ଷ ଧରି ଶିକ୍ଷକତା କରି ଛାତ୍ରଛାତ୍ରୀଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଥିଲେ ଓ ପରେ ରାଧାବଲ୍ଲଭପୁର ୟୁଜିଏମଇ ସ୍କୁଲରେ ଡେପୁଟେସନରେ ଆସି ଶିକ୍ଷକତା କରୁଥିଲା ବେଳେ ତାଙ୍କର ଅକାଳ ବିୟୋଗ ଘଟିଛି । ତାଙ୍କର ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାରଠାରେ ଦାହ କରାଯାଇଥିଲା ବେଳେ ଏକାଦଶାହ କର୍ମ ତାଙ୍କ ଶାଶୁଘର ଗାଁ ଯାଜପୁର ଜିଲ୍ଲା କଲ୍ୟାଣପୁରରରେ ସମାପନ ହୋଇଥିଲା । ଦ୍ୱାଦଶାହ କ୍ରିୟା ଓ ନାରାୟଣ ସେବା କାର୍ଯ୍ୟକ୍ରମ ବାଖରପୁରସ୍ଥିତ ଶ୍ରୀ ଶ୍ରୀ ଗୋପାଳ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇଥିବା ଶିକ୍ଷାବିତ୍‌ମାନଙ୍କର ବକ୍ତବ ଥିଲା ଯେ ଆତ୍ମା ଅବିନଶ୍ୱର, ମଣିଷ ଘଟ ପରିବର୍ତ୍ତନ କରେ ସତ କିନ୍ତୁ କିର୍ତ୍ତୀ ଓ କୃତୀ ଜଣଙ୍କୁ ଚିରକାଳ ଅମର କରି ରଖେ । ସେହିପରି ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗୀୟା ଆରତୀ ମଞ୍ଜରୀଙ୍କ ହସହସ ମନୋଭାବ ଓ ଉନ୍ନତମାନର ଶିକ୍ଷାଦାନ, ଛାତ୍ରବତ୍ସଳତା ଓ ସର୍ବୋପରି ନିଷ୍ପାପର ଦାନ ଓ ଦୁଃଖୀରଙ୍କ ସେବା ଓ ଗୋ' ସେବା ତଥା ପରୋପକାର ତାଙ୍କୁ ଚିରକାଳ ଅମର କରି ରଖିବ ବୋଲି ବକ୍ତାମାନେ ମତବ୍ୟକ୍ତି କରିଥିଲେ ।

# ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଖୋର୍ଦ୍ଧା (ପିଏନ୍)– ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ସଭାସଦନରେ ସୁସାହିତ୍ୟିକ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ "ଓଡିଶାର ଗଡଜାତ ମିଶ୍ରଣରେ ସର୍ଦ୍ଦାର ପଟେଲଙ୍କ ଭୂମିକା" ସଂପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ଡ. ଶରଚ୍ଚନ୍ଦ୍ର ମହାପାତ୍ର, ସମାଜସେବୀ ରାମଶଙ୍କର, ଶିକ୍ଷାବିତ ଭୀମସେନ ପ୍ରଧାନ, ଅବସରପ୍ରାପ୍ତ ସାମରିକ ଅଧିକାରୀ ରାଜେନ୍ଦ୍ରନାଥ ସାମନ୍ତରାୟ, ଆଡଭୋକେଟ ଅର୍ଜୁନ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଓଡିଶା ଗଡଜାତ ମିଶ୍ରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦିଗଦର୍ଶନ ଓ ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ ସକ୍ରିୟ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସେମାନଂକ ଯୋଗୁଁ ବୃହତର ଓଡିଶା ଗଠନ ସାର୍ଥକ ରୂପ ନେଇପାରିଛି ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ । ସଂପାଦକ ସୁଧୀର ମାନସିଂହ କହିଥିଲେ ଯେ, ଲୌହମାନବ ସର୍ଦ୍ଦାର ପଟେଲ ଜୟନ୍ତୀ ଓ ଲୌହମାନବୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସରେ ସେ ଦୁଇ ମହାମନଷୀଙ୍କ ମହନୀୟ ପ୍ରଚେଷ୍ଟା ହେତୁ ଆଜିର ଭାରତ ଏକ ବୃହତ ଗଣତନ୍ତ୍ର ଭାବେ ପୃଥିବୀରେ ପ୍ରତିଷ୍ଠିତ ହୋଇପାରିଛି । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଜ୍ଞାନରଂଜନ ଦାସ, ଇତିଶ୍ରୀ ସାହୁ, ଅଧ୍ୟାପିକା ଅପରାଜିତା ରଥ, ପିୟାଲି ବିଶ୍ୱାସ, ଛାତ୍ର ଦୀପଶକ୍ତି ସାମନ୍ତରାୟ ନିଜର ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡବିଲରେ ଶୁଦ୍ଧପୂତ ଭାବେ ପାଳିତ ହେଲା ଚିତ୍ରଗୁପ୍ତ ପୂଜନ



କେନ୍ଦୁଝର (ପିଏନ୍): ଦେଶରେ 'ଫମିନି ଇଣ୍ଡିଆ' ବୋଲାଉଥିବା ଖଣିଜ ନଗରୀ ବଡବିଲ ସହରରେ ଦୀପାବଳୀର ତୃତୀୟ ଦିନ ବଡ ଧୁମ୍‌ଧାମ୍‌ରେ ପାଳିତ ହୋଇଛି ଭାଇଦୁଜ ଉତ୍ସବ । ମୁଖ୍ୟତଃ ବ୍ୟବସାୟୀ ବର୍ଗ ଏଠାକାର ଚିତ୍ରଗୁପ୍ତ ସମାଜ । ଏହି ଅବସରରେ ତୃତୀୟ ବର୍ଷ ପାଇଁ ପାଳନ କରିଛନ୍ତି ପୂଜନ । ସ୍ଥାନୀୟ ବିକାଶ ମହଲ ସଭାଗୃହ ପ୍ରାଙ୍ଗଣରେ ଏହି ପୂଜା କାର୍ଯ୍ୟ ଆୟୋଜନ କରାଯାଇଥିଲା ।

ସମସ୍ତ ଚିତ୍ରଗୁପ୍ତ ପରିବାର ଏକତ୍ରିତ ହୋଇ ଶୁଦ୍ଧପୂତ ମନରେ ଚିତ୍ରଗୁପ୍ତ ମହାରାଜଙ୍କୁ ଆରାଧନା କରିଥିଲେ ଓ ନୂଆ ବହିଖାତା ଆରମ୍ଭ କରାଯାଇଥିଲା । ସକାଳ ୧୦ଘଟିକା ସମୟରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇ ଦ୍ୱିପ୍ରହର ୧୨ଟା ବେଳେ ପ୍ରସାଦ ସେବନ ସହ ସନ୍ଧ୍ୟା ୬ଘଟିକା ସମୟରେ ମହାଆରତୀ ଓ ରାତ୍ର ୮ ଘଟିକା ସମୟରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।

ବିଶିଷ୍ଟ ବ୍ୟକ୍ତିଙ୍କ ଭିତରେ ହେମନ୍ତ ସହାୟ, ଅନୀଲ ସିହ୍ନା, ବିକାଶ ସତ୍ୟମ୍, ଆନନ୍ଦ ଶ୍ରୀବାସ୍ତବ ଓ ଅଜୟ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ଆଶୀଷ ପ୍ରାପ୍ତ କରିଥିଲେ ।

# ଶିଶୁ ସାହିତ୍ୟିକ କୃଷ୍ଣଚନ୍ଦ୍ର

ପ୍ରଥମ ପିଢ଼ିର ଓଡ଼ିଆ ଶିଶୁ ସାହିତ୍ୟିକଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର କର ଅନ୍ୟତମ। କଟକ ଜିଲ୍ଲା ଅନ୍ତର୍ଗତ ମୂଳବସନ୍ତରେ ଜନ୍ମ ଏହି ସାହିତ୍ୟିକଙ୍କ ଘଟନାବହୁଳ ବାଲ୍ୟ କାଳ ମୁଖ୍ୟତଃ ଗ୍ରାମରେ କଟିଥିଲା। ଗ୍ରାମ୍ୟ ପରିବେଶ ହିଁ ତାଙ୍କୁ ଶୈଶବରେ ଲେଖକ ହେବା ପାଇଁ ଅନୁପ୍ରାଣୀତ କରିଥିଲା। ପିଲାବେଳୁ କୃଷ୍ଣଚନ୍ଦ୍ରଙ୍କ ସାହିତ୍ୟ ଅନୁରାଗ ତୁଳସୀ ଦୁଇପତ୍ରରୁ ପ୍ରମାଣିତ ହେଲାପରି ଜଣାପଡ଼ିଥିଲା। ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର କୃତୀତ୍ୱ ପ୍ରଶଂସିତ ହୋଇଥିଲା। ଅନେକ ପ୍ରତିକୂଳ ଭିତରେ ତାଙ୍କ ସାହିତ୍ୟ ରୁଚି ଓ ସୃଜନଶୀଳତାକୁ ଆଗେଇ ନେଇପାରିଥିଲେ। ଚାଟଶାଳୀରୁ ପରବର୍ତ୍ତୀ ଶିକ୍ଷା ପର୍ଯ୍ୟନ୍ତ ସେ ଅନେକ ଘାତପ୍ରତିଘାତକୁ ଧୈର୍ଯ୍ୟର ସହିତ ମୁକାବିଲା କରିଥିଲେ କିନ୍ତୁ କେବେ ହାର ମାନିନଥିଲେ। କଟକସ୍ଥିତ କଟକ ଟ୍ରେଡିଂ କମ୍ପାନୀରେ କୃଷ୍ଣଚନ୍ଦ୍ର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପ୍ରକାଶନ ସଂସ୍ଥା ସହ ସଂପର୍କ, ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିଲା। କଟକ ଟ୍ରେଡିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପ୍ରଥମ ଓଡ଼ିଆ ଶିଶୁ ପତ୍ରିକା ପଞ୍ଚାମୃତର ପ୍ରକାଶନ ସହ ସେ ସଂପୃକ୍ତ ଥିଲେ। ଏହାକୁ ଆକର୍ଷଣୀୟ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇଥିଲେ। ପରବର୍ତ୍ତୀ କାଳରେ ସେ ବାଳକୃଷ୍ଣ କରଙ୍କ ସାରସ୍ୱତ ପ୍ରେସ୍, ପଣ୍ଡିତ ନୀଳକଣ୍ଠଙ୍କ ନବ ଭାରତ ମୁଦ୍ରଣାଳୟ, ଓଡ଼ିଶା ଗଭର୍ଣ୍ଣମେ ପ୍ରେସ ଆଦିରେ କାର୍ଯ୍ୟ କରିଥିଲେ। କର୍ମମୟ ଜୀବନରେ ତାଙ୍କର ମୋଟ ୧୨୭ଟି ପୁସ୍ତକ ପ୍ରକାଶିତ ହୋଇଥିବା ଜଣାଯାଏ। ଏହି ତାଲିକାରେ ଅନେକ ପାଠ୍ୟ ପୁସ୍ତକ ଅନ୍ତର୍ଭୁକ୍ତ। ୧୯୭୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ହଜିଲା ଦିନର ସ୍ମୃତି ତାଙ୍କର ଆତ୍ମଚରିତ। ଏହି ଆତ୍ମଚରିତ ଅନେକ ଲୋକପ୍ରିୟ ହୋଇପାରିଥିଲା। ଏଥିରେ ନିଜ ବାଲ୍ୟବସ୍ଥା, ପ୍ରତିକୂଳ ଭିତରେ ବିତାଇଥିବା ଜୀବନ, ସାହିତ୍ୟ ରୁଚି ଓ ଅନେକ ସାରସ୍ୱତ ସାଧକଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ ଅନୁଭୂତି ମଧ୍ୟ ଅତ୍ୟନ୍ତ ସାବଲୀଳ ଭାବରେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଯଦିଓ ଏହି ଆତ୍ମଚରିତର ପୁର୍ନସଂସ୍କରଣ ହୋଇନାହିଁ ତଥାପି ଏହାର ଆଦୃତି ରହିଛି। ୧୯୯୫ ନଭେମ୍ବର ମାସ ୨ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ତିରୋଧାନରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଏକ ଉଜ୍ଜ୍ୱଳତମ ତାରକାଙ୍କ ପ୍ରସ୍ଥାନ ଘଟିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

**ଡ଼ଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ମୁକ୍ତି ପ୍ରତୀକ୍ଷାରେ ନିଶା କବଳିତ ସାରା ବିଶ୍ୱ

ଭୁବନେଶ୍ୱର (ପିଏନ୍) ସାମ୍ପ୍ରତିକ ସମାଜ ବିଭିନ୍ନ ସମସ୍ୟାରେ ପରିପୂର୍ଣ୍ଣ ଅଟେ । ଗୋଟିଏ ସମସ୍ୟାର ଅନ୍ତ ନ ହେଉଣୁ ଆଉ ଏକ ସମସ୍ୟା ମୁଣ୍ଡ ଟେକେ । ଏହି ସମସ୍ୟାଗୁଡିକ ମଧ୍ୟରେ ପ୍ରମୁଖ ସମସ୍ୟାଗୁଡିକ ହେଉଛି– ଦାରିଦ୍ର୍ୟ, ଅଶିକ୍ଷା, ବେରୋଜଗାରୀ, ଜାତିଗତ ହିଂସା ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦି । କିନ୍ତୁ ବର୍ତ୍ତମାନ ଅବସ୍ଥାରେ ଆଉ ଏକ ଉତ୍କଟ ସମସ୍ୟା ଦେଖା ଦେଇଛି, ତାହା ହେଉଛି– ମଦ୍ୟପାନ ଏବଂ ଅନ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଓ ଅବୈଧ କାରବାର । ଜଣେ ନିଶା ସେବନକାରୀ ତା' ନିଜର ଯେ କେବଳ କ୍ଷତି ସାଧନ କରିଥାଏ, ତାହା ନୁହେଁ , ତା' ଉପରେ ନିର୍ଭର କରୁଥିବା ସମ୍ପୂର୍ଣ୍ଣ ପରିବାର ଏବଂ ପରିଶେଷରେ ବୃହତ ସମାଜର କ୍ଷତି ସାଧନ କରିଥାଏ । ତେଣୁ ସମାଜର ଅଧୋପତନ ପାଇଁ ଏହି ସମସ୍ୟାଟି ଏକ ପ୍ରମୁଖ କାରଣ । ଏହି ନିଶାଦ୍ରବ୍ୟର ବ୍ୟବହାର ଏବଂ ଅବୈଧ କାରବାର କେବଳ ଗୋଟିଏ ରାଷ୍ଟ୍ରରେ ସିମିତ ନୁହେଁ ବରଂ ଏହା ବିଶ୍ୱର ସମସ୍ତ ରାଷ୍ଟ୍ରକୁ କରାଗ୍ରସ୍ତ କରିସାରିଛି । ମନୁଷ୍ୟ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରିରୀକ କାରଣରୁ ନିଶାପାନକରି ନିଶାଗ୍ରସ୍ତ ହୋଇଥାଏ । ତା'ର ଦୈନନ୍ଦିନ ଜୀବନରେ ବିଡି, ପାନ, ସାଗାରେଟ୍ , ତମାଖୁ, ଭାଙ୍ଗ, ଗଞ୍ଜେ, ଅଫିମ, ମଦ, ହେରୋଇନ୍, ବ୍ରାଉନ୍‌ସୁଗାର ଓ ମର୍ଫିନ୍ ଆଦି ଉତ୍କଟ ମାଦକଦ୍ରବ୍ୟ ସେବନ କରିଥାଏ । ଏହି ସବୁ ମାଦକଦ୍ରବ୍ୟର ସେବନ ଧିରେ ଧିରେ ଅଭ୍ୟାସରେ ପରିଣତ ହୋଇଥାଏ । ଏଠାରେ ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି , ଲୋକମାନେ ଏ ସବୁ ମାଦକଦ୍ରବ୍ୟ କାହିଁକି ସେବନ କରିଥା'ନ୍ତି ? ଏହାର କାରଣ ବିଭିନ୍ନ ପ୍ରକାର ହୋଇପାରେ, ପିଲାଦିନେ ସାଙ୍ଗମାନଙ୍କ ପ୍ରେରଣା କିମ୍ବା କୁସଙ୍ଗ, ଶାରିରୀକ କଷ୍ଟ ଲାଘବ ଇତ୍ୟାଦି । ଏହାଛଡା ମାନସିକ କାରଣଗୁଡିକ ମଧ୍ୟରେ ପ୍ରମୁଖ ହେଉଛି–ମନର ଅସ୍ଥିରତା, ଦୁଃଖ, ଅସୁରକ୍ଷା ଭାବନା, ହିନମନ୍ୟତା, ଆତ୍ମକୈନ୍ଦ୍ରିକତା, ପଳାୟନ ପନ୍ଥିତା ଓ ଜୀବନର ଅସଫଳତା । ଏତଦ୍‌ବ୍ୟତିତ ଆଉ ଗୋଟିଏ କାରଣ ହେଉଛି– ନିଜର ଆଭିଜାତ୍ୟ ପ୍ରଦର୍ଶନ କରିବା । ନିଶା କହିଲେ, ଲୋକମାନେ ସାଧାରଣତଃ ମଦ, ଗଞ୍ଜେଇ, ଅଫିମ, ଭାଙ୍ଗ, ବିଡି, ସିଗାରେଟ୍ ଇତ୍ୟାଦିକୁ ବୁଝିଥାନ୍ତି । କିନ୍ତୁ ନିଶାଦ୍ରବ୍ୟର ପ୍ରକାର ଭେଦ ଓ ତା'ର ବ୍ୟବହାରରେ କେତେକ ବିବର୍ତ୍ତନ ଘଟିଛି, ତାହା ଲୋକମାନଙ୍କ ପାଖରେ ଦୁର୍ବୋଧ୍ୟ । ଯେପରିକି ଉପରୋକ୍ତ ନିଶାଦ୍ରବ୍ୟ ବ୍ୟବହାର ବ୍ୟତିରେକ ଅନେକ ପ୍ରକାର ଜୀବନ ସୁରକ୍ଷାକାରୀ ଔଷଧ ଓ ନିଶା ଔଷଧ ପାନକରି ବ୍ୟକ୍ତି ନିଶାସକ୍ତ ହୋଇଥାଏ ଅର୍ଥାତ୍ କୌଣସି କାରଣରୁ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଆରୋଗ୍ୟ ହେବାପାଇଁ ଚିକିତ୍ସା ସମୟରେ ଯେଉଁ ଔଷଧ ପାନ କରିଥାଏ, ସେଥିରେ ସେ ଏତେ ଅଭ୍ୟସ୍ତ ହୋଇଯାଇଥାଏ ଯେ, ରୋଗ ଭଲ ହୋଇଗଲେ ମଧ୍ୟ ସେ ତାହା ପାନ କରିବା ଛାଡିପାରେ ନାହିଁ । ଏବଂ ଏ ଅବସ୍ଥାରେ ଆମେ ତାକୁ ନିଶାସକ୍ତ ବୋଲି କହିଥାଉ । ବର୍ତ୍ତମାନ ପ୍ରସଙ୍ଗ ହେଉଛି, ଏହି ବିଶ୍ୱ ବ୍ୟାପ୍ତ ଉକ୍ତ ସମସ୍ୟାରୁ କିପରି ମନୁଷ୍ୟ ସମାଜକୁ ରକ୍ଷା କରାଯାଇପାରିବ । ଏଥିପାଇଁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଶାଦ୍ରବ୍ୟର ଚାହିଦା ଓ ଅବୈଧ କାରବାର ରୋକିବା ନିମନ୍ତେ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଅନ୍ତଃରାଷ୍ଟ୍ରୀୟ ମାଦକଦ୍ରବ୍ୟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୧୯୯୧ ମସିହାରେ ଆରମ୍ଭ କରାଗଲା । ଏତଦ୍ ବ୍ୟତିତ (i) Convention of Narcotic Drugs 1961 (ii) Convention on Psychiatric Substances 1971(iii) Convention Against Illicit Trafficking in Narcotic Drugs and Psychiatric Substances, 1988- ଏହିପରି ତିନୋଟି କନ୍‌ଭେନ୍‌ସନ୍ ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ଭାରତ ମଧ୍ୟ ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର ଅଟେ । ଏହି ପରିପ୍ରେକ୍ଷୀରେ ଆମ ରାଷ୍ଟ୍ର ମଧ୍ୟ ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁଯାୟୀ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବା ପାଇଁ Narcotic Drugs and psychiatric substance Act 1985 ପ୍ରଣିତ ହୋଇଛି. ଏତଦ୍ ବ୍ୟତୀତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରୀତା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ବିଭାଗ ରହିଅଛି, ଯାହାକି, ନିଶାଦ୍ରବ୍ୟର ଅପବ୍ୟବହାର, ଚାହିଦା ଓ ତତ୍ ସମ୍ବନ୍ଧୀୟ କ୍ଷତିକୁ ରୋକିବା ପାଇଁ କେତେଗୁଡିଏ କାର୍ଯ୍ୟକ୍ରମ ଜାରୀ କରିଛି । ସେଗୁଡିକ ହେଉଛି–ନିଶା (ଔଷଧ ଅପବ୍ୟବହାର)ର ସଚେତନତା ଏବଂ ପରାମର୍ଶ କେନ୍ଦ୍ର, ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର, କର୍ମକ୍ଷେତ୍ରରେ ନିଶା ରୋକିବାର କାର୍ଯ୍ୟକ୍ରମ, ସଚେତନତା ଓ ନିଶାମୁକ୍ତ ଶିବିର, ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର, ଔଷଧ ଅପବ୍ୟବହାର ରୋକିବା ପାଇଁ ବେସରକାରୀ ଅନୁଷ୍ଠାନ ମଂଚ, ସମୁଦାୟ ଭିତିକ ଥଇଥାନକୁ କ୍ଷମତା ସଂପନ୍ନ କରିବା ପାଇଁ ଅଭିନବ ପ୍ରଚେଷ୍ଟା ବା ହସ୍ତକ୍ଷେପେ କରିବା, ଯାନ୍ତ୍ରିକ ପରିବର୍ତନ ଏବଂ ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମ କରିବା,ଏହି ଯୋଜନା ଅନ୍ତର୍ଗତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏହାସହିତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀଠାରେ National Centre for Drug Abuse Prevention(NCDAP) ପ୍ରତିଷ୍ଠା କରାଯାଇଛି । ଯାହାର ମୁଖ୍ୟ କାର୍ଯ୍ୟ ହେଉଛି ତାଲିମ୍ ପ୍ରଦାନ କରିବା, ଅନୁସନ୍ଧାନ କରିବା ଓ ସୁରାସକ୍ତ ଓ ନିଶାର ଚାହିଦା କମାଇବା(ହ୍ରାସ କରିବା) କ୍ଷେତ୍ରରେ ବିଭିନ୍ନ ତଥ୍ୟାବଳୀ ସଂଗ୍ରହ କରିବା ଇତ୍ୟାଦି । ବର୍ତ୍ତମାନ ମନ୍ତ୍ରଣାଳୟ ସହାୟତାରେ ସାରା ଭାରତବର୍ଷରେ ପ୍ରାୟ ୪୦୦ଟି ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର ଓ ୧୨ଟି ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକରୁଅଛି । ଏହି ସାଧନ କେନ୍ଦ୍ରମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ କର୍ମୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବା, ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବା ଓ ନିଶାସକ୍ତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଓଡିଶାର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ୩୪ଟି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଅଛି । ଏତଦ୍‌ବ୍ୟତୀତ ଓଡିଶାର କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟମାନଙ୍କରେ ନିଶା ନିବାରଣର ସ୍ୱତନ୍ତ୍ର ବିଭାଗ କାର୍ଯ୍ୟ କରୁଅଛି ଏବଂ ପରବର୍ତୀ ସମୟରେ ସବୁ ଜିଲ୍ଲା ସଦର ମହକୁମାରେ ନିଶା ଓ ଔଷଧ ଅପବ୍ୟବହାରର ଚିକିତ୍ସା ପାଇଁ ଯୋଜନା କରାଯାଉଅଛି । ସମଗ୍ର ଦେଶରେ ନିଶା ସେବନକାରୀଙ୍କ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଅଦ୍ୟାବଧି ଦେଶ ସମ୍ମୁଖରେ ନାହିଁ । ତେଣୁ ବର୍ତ୍ତମାନ ସରକାର ନିଶାର ଚାହିଦା ଓ ନିଶାର ପ୍ରକାର ଭେଦ ସହିତ ନିଶା ସେବନକାରୀଙ୍କ ସଂଖ୍ୟା ଆକଳନ କରିବା ପାଇଁ ଏକ ଜାତୀୟ ସ୍ତରରେ ସର୍ବେକ୍ଷଣ କରିବାକୁ ଯାଉଛନ୍ତି । ଏବଂ ଏହି ସର୍ବେକ୍ଷଣ ଆଧାରରେ ନିଶାର ଚାହିଦା ହ୍ରାସ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର କରିଛନ୍ତି । ଏହା ଭଲ ଭାବରେ ଜଣାଶୁଣା ଯେ, ଔଷଧ ବା ନିଶା ନିର୍ଭରଶୀଳତା ଏକ ସାମାଜିକ ଓ ଚିକିତ୍ସାଗତ ସମସ୍ୟା, ଯାହାକି ସମାଜର ସମସ୍ତ ସ୍ତରକୁ ପ୍ରଭାବିତ କରିଥାଏ । ପୃଥିବୀରେ ଦିନକୁ ଦିନ ନିଶା ଓ ଔଷଧର ଅପବ୍ୟବହାର ବଢି ବଢି ଚାଲିଛି । ନିଶା ନିବାରଣ ପାଇଁ ଏକ ପ୍ରମୁଖ ଉପାୟ ହେଉଛି ଜନସଚେତନତା ସୃଷ୍ଟି କରିବା । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ଏବଂ ଏହା ଅତ୍ୟାବଶ୍ୟକ ଅଟେ । ଏହି ଜନସଚେତନତା ଗତିଶୀଳତାର ମୁଖ୍ୟ ବାହକ ହେଉଛନ୍ତି ଦେଶର ଯୁବପିଢୀ । ପରିଶେଷରେ ଏହି ନିଶାଦ୍ରବ୍ୟର ଅପବ୍ୟବହାର ପରି ଏକ ଜଟିଳ ସମସ୍ୟାର ଅନ୍ତ ଘଟାଇବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସହାୟତା ସହିତ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଅଛି ।

**ସୌଜନ୍ୟ: ସୁଧିର ଚନ୍ଦ୍ର ଦାଶ,**
**(ସଭାପତି), ଆର୍.ଆର୍.ଟି.ସି.**

# ଚମ୍ପୁଆ ଅବକାରୀ ବିଭାଗର ଚଢାଉ ଭେଲିକି !

କେନ୍ଦୁଝର (ପିଏନ୍): ଅବକାରୀ ବିଭାଗର କାର୍ଯ୍ୟକାରିତା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । କର୍ତବ୍ୟ ସମ୍ପାଦନ ଆଳରେ ହାଣ୍ଡିଆ ମହୁଲି ବିକ୍ରେତା ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଘରେ ଚଢାଉ କରି ଏମାନଙ୍କ ଘର ମୁଖିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିବାବେଳେ ଏପଟେ ପ୍ରତି ଗାଁ ଛକରେ ହୋଟେଲ କିମ୍ବା ଢାବାରେ ବେଆଇନ ଭାବେ ବିଦେଶୀ ଚୋରା ମଦ ବିକ୍ରୀ କରୁଥିବା ବେପାରିଙ୍କୁ କ୍ଲିନ ଚିଟ ଦେଉଥିବା ଦେଖିବାକୁ ମିଳିଛି । ଚମ୍ପୁଆ ଅବକାରୀ ବିଭାଗର ଗତ କିଛି ବର୍ଷର ଅବକାରୀ ଚଢାଉ ତାଲିକା ଅନ୍ବେଷଣ କଲେ ଗୋଟେ ହେଲେବି ବିଦେଶୀ ଚୋରା ମଦ ବେପାରିଙ୍କୁ ଧରି କୋର୍ଟଚାଲାଣ କରାଯିବା ଭଳି ଉଦାହରଣ ଦେଖିବାକୁ ମିଳୁନଥିବା ବେଳେ ଏପଟେ କିନ୍ତୁ ଅବକାରି ଚଢାଉ ବେଳେ ଧରା ପଡୁଛି କାଁ ଭାଁ ମହୁଲି ମଦ ପିଇବାକୁ ଅବା ପେଟ ବିକଳରେ ବିକ୍ରିକରି ଘର ପରିବାର ଚଳାଇବାକୁ ଚେଷ୍ଟା କରୁଥିବା କିଛି ଅତ୍ୟନ୍ତ ଗରିବ ଆଦିବାସୀ ସମ୍ପ୍ରଦାୟର ଲୋକ । ସୂଚନା ଯୋଗ୍ୟ କି ଚମ୍ପୁଆ ବ୍ଲକରେ ଚମ୍ପୁଆ , କରଂଜିଆ , ଭଣ୍ଡା ଠାରେ ତିନୋଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଥିବାବେଳେ ଚମ୍ପୁଆ ଠାରେ ମାତ୍ର ଗୋଟିଏ ମଦ ବାର ରହିଛି । ମାତ୍ର ବଜାର ଠାରୁ ଅରମ୍ଭ କରି ପ୍ରତି ଗାଁ ହୋଟେଲ ଠାରୁ ଅରମ୍ଭକରି ପ୍ରତି ଢାବା ଗୁଡିକରେ ବେଦଖଲ ଭାବେ ଚୋରା ମଦ ବିକ୍ରୀ କରୁଥିବା ଦେଖିବାକୁ ମିଳିଛି । ତେବେ ଏମାନଙ୍କ ସହିତ ଚମ୍ପୁଆ ଅବକାରି ବିଭାଗ ସହିତ ଚମ୍ପୁଆ ଓ ବାରିଆ ପୋଲିସର ମଧୁଚନ୍ଦ୍ରିକା କାହାରିକୁ ଅଛପା ନଥିବା ବେଳେ ଅନ୍ୟପଟେ ଅବକାରୀ ଚଢାଉ ଆଳରେ କେବଳ ଦିନ ମଜୁରିଆ କେଇ ଲିଟର ହାଣ୍ଡିଆ ମହୁଲି ବିକୁଥିବା ଗରିବ ଲୋକଙ୍କ ଉପରେ ବିଭାଗର ଦାଉ କେଉଁ ଆଳର ପରିସର ତାହା ଏବେ ଚର୍ଚ୍ଚାର ପରିଧିକୁ ଆସିଛି । ନିକଟରେ ଚମ୍ପୁଆ, ଝୁମ୍ପୁରା ଆବକାରୀ ବିଭାଗର ମିଳିତ ଚଢାଉ ବେଳେ ବାରିଆ ଥାନା ଅନ୍ତର୍ଗତ କଞ୍ଚନଡୁମୁରିଆ ଗ୍ରାମରୁ ଇନ୍ଦ୍ରମଣି ମହାରଣାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ମାତ୍ର ୧୫ ଲିଟର, ସିରିକୁଆଁ ଗ୍ରାମରୁ ସହଦେବ ନାଏକକୁ ଗିରଫ କରାଯାଇଥିବା ବେଳେ ତାଠାରୁ ମାତ୍ର ୧୨ ଲିଟର, ଚମ୍ପୁଆ ଥାନା ଗୋପିନାଥ ପୁର ଗ୍ରାମରେ ଚଢାଉ କରି ଗୌତମ ବେଂଟକାର କୁ ଗିରଫ କରାଯାଇଥିବା ବେଳେ ତାଠାରୁ ମାତ୍ର ୬ ଲିଟର ମହୁଲି ଜବତ କରିଥିଲେ ହେଁ ଏହି ଅଞ୍ଚଳର ଆଖ ପାଖ ଗାଁ ଛକରେ ଥିବା ବିଭିନ୍ନ ପାନ,ଗ୍ରୋସରୀ ଦୋକାନରେ ଅବାଧରେ ବିକ୍ରୀ ହୋଉଥିବା ଚୋରା ବିଦେଶୀ ମଦ ଏବଂ ହୋଟେଲ ଓ ଢାବାରେ ବେଆଇନ ମଦ କାରବାର ଉପରେ କାହିଁକି ଅଙ୍କୁଶ ଲଗାଇବାକୁ ଗୁରୁତ୍ୱ ଦେଲେ ନାହିଁ ତାକୁ ଅବକାରୀ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।




# ବୌଦ୍ଧରେ ଜାତୀୟ ନାଟ୍ୟସ୍ତୋବ ଓ ଆଲୋଚନାଚକ୍ର ଉଦଘାଟିତ

ବୌଦ୍ଧ,(ପିଏନ)- ବୌଦ୍ଧରେ ଦୁଇ ଦିନିଆ ଜାତୀୟ ନାଟ୍ୟସ୍ତୋବ ଓ ଆଲୋଚନାଚକ୍ର ଉଦଘାଟିତ ହୋଇଛି। ବୌଦ୍ଧ ଟାଉନହଲ ଠାରେ ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ପକ୍ଷରୁ ଅନୁଷ୍ଠିତ ଏହି ଜାତୀୟ ଆଲୋଚନାଚକ୍ର ଓ ନାଟ୍ୟସ୍ତେବରେ ରାଜ୍ୟ ଓ ରାଜ୍ୟବାହାରୁ ୧୨୦ ରୁ ଉର୍ଦ୍ଧ୍ୱ କଳାକାର ଓ ଅନୁଷ୍ଠାନ ଯୋଗଦେଇଛନ୍ତି। ପ୍ରଣାମର ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ଉପଜିଲାପାଳ ଏନ.ସି. ଜ୍ୟୋତି ରଂଜନ ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନିର୍ଦ୍ଦେଶକ ଡ. ମନୋଜ କୁମାର ମହାନ୍ତି, ଡଃ ଘାସିରାମ ମିଶ୍ର ଓ ଗୁରୁ ହରିହର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦିନ ତମାମ ନୃତ୍ୟଗୁରୁ ପ୍ରଫେସର ଡଃ ମନୋଜ କୁମାର ବେହେରାଙ୍କ ସଂଯୋଜନାରେ ଅଭିଜ୍ଞ ନୃତ୍ୟଗୁରୁ ଓ ନିର୍ଦ୍ଦେଶକମାନଙ୍କୁ ନେଇ ଶାସ୍ତ୍ରିୟ ସଙ୍ଗିତର ବିଭିନ୍ନ ମୁଦ୍ରା ସହିତ ତାଳ, ବାଦ୍ୟଯନ୍ତ୍ର ଓ ସଙ୍ଗିତର ମିଶ୍ରଣ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବରେ କଂଟାମାଳ ବିଧାୟକ ମହିଧର ରଣା, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧିକ୍ଷକ ଭି. ରଘୁନାଥ ରାଓ, ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ଓ ମାରୱାଡି ମହିଳା ସମିତିର ସଭାପତି ଆଶାଦେବୀ ଅଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଘାସିରାମ ମିଶ୍ରଙ୍କୁ ଶ୍ୟାମ ସୁନ୍ଦର ସିଂହ ସମ୍ମାନ, ମିନାକ୍ଷୀ ବେହେରା, ନିଳାଶ୍ରୀ ପଟ୍ଟନାୟକ, କିନ୍ନର ଚିନ୍ମୟୀ ତ୍ରିପାଠୀ ଓ ନିତିଶ ସିହ୍ନାଙ୍କୁ ପ୍ରଣାମ ସମ୍ମାନ, ଉପାସନା ପଣ୍ଡାଙ୍କୁ ନୃତ୍ୟ କଳିକା ସମ୍ମାନ ଓ ସନ୍ଧ୍ୟାରାଣୀ ପ୍ରଧାନଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଣାମ ଅନୁଷ୍ଠାନ ପକ୍ଷରୁ ବୌଦ୍ଧ ଜିଲାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଅତିଥିମାନେ ପ୍ରଶଂସା କରିବା ସହିତ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ବିଭିନ୍ନ ଅଂଚଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଣାମ ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁ ମଂଚ ପରିଚାଳନା କରିଥିବାବେଳେ ସଂପାଦକ ପ୍ରଶାନ୍ତ କୁମାର ଭାଇନା, ଉପଦେଷ୍ଟା ଡ. ପ୍ରିୟବ୍ରତ ବେହେରା, ଉପସଭାପତି ସୁକାନ୍ତି ସିଂହ, ଗୀତାଞ୍ଜଳୀ ସାହୁ ଓ ଆବାହକ ନିତିଶ କୁମାର ସିହ୍ନା ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

# ଶାରିରୀକ ଭିନ୍ନକ୍ଷମ ସନ୍ୟାସୀକୁ ବ୍ୟବସାୟିକ ଋଣ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟିଲା

କେନ୍ଦ୍ରାପଡା (ପିଏନ)- ଶାରିରୀକ ଭିନ୍ନକ୍ଷମ ସନ୍ୟାସୀ ନିଜ ପରିବାରର ଭରଣ ପୋଷଣ ନିମନ୍ତେ ତାକୁ ବ୍ୟବସାୟୀକ ଋଣ ପ୍ରଦାନ କରାଯିବାକଜୁ ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପରିବାର ସହିତ ଭେଟି ନିବେଦନ କରିଥିଲେ। ଜିଲ୍ଲାପାଳ ଶ୍ରୀ ବର୍ମା ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଏଥି ନିମନ୍ତେ ନିର୍ଦ୍ଦେଶ ଦେଇ ସନ୍ୟାସୀକୁ ସଂପୃକ୍ତ ବ୍ୟାଙ୍କ ଯେପରି ଋଣ ପ୍ରଦାନରେ ଆଉ କୌଣସି ଅବହେଳା ନକରେ ସେଥରପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁରଶାସନ ଗ୍ରାମର ସ୍ୱର୍ଗତ ଗୋଲଖ ମହାନ୍ତିଙ୍କ ଭିନ୍ନକ୍ଷମ ପୁଅ ସନ୍ୟାସୀ ମହାନ୍ତି ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ନିଜେ ଏକ ଛୋଟ ବ୍ୟବସାୟ କରି ନିଜର ପରିବାରକୁ ଭରଣ ପୋଷଣ କରିବା ନିମନ୍ତେ ତାଙ୍କୁ ଋଣ ପ୍ରଦାନ କରାଯିବାକୁ



ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିବାରେ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାରେ ବିଭାଗ ପକ୍ଷରୁ ସଙ୍ଗେ ସଙ୍ଗେ ସନ୍ୟାସୀକୁ ଏକ ତିନିଚକିଆ ସାଇକେଲ ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଟ୍ରାଇସାଇକେଲ ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ବାଲେଶ୍ୱର-(ପିଏନ)- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ନିମାଇଁ ଚରଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ବର୍ତମାନ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିର ପ୍ରଭୂତ ସୁଯୋଗ ରହିଥିବା ବେଳେ ସେଥିପାଇଁ ପରିବର୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ଯୁବକଯୁବତୀମାନେ ନୂତନ ଦକ୍ଷତା ହାସଲ କରିବା ସହ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ବିଭିନ୍ନ କାରଣରୁ ନିଜର ପାଠପଢା ସମ୍ପୂର୍ଣ୍ଣ



କରିପାରି ନ ଥିବା ଯୁବକଯୁବତୀମାନଙ୍କୁ ମାଗଣାରେ ଦକ୍ଷତା ଭିତିକ ପ୍ରଶିକ୍ଷଣ ଓ ନିଯୁକ୍ତି ପ୍ରଦାନ ଲାଗି ଏହି ମେଳା ମାଧ୍ୟମରେ ଯେଉଁ ପ୍ରୟାସ କରାଯାଉଛି ତାହାର ଲାଭ ଉଠାଇବା ଲାଗି ସେ ପରାମର୍ଶ ଦେଇଥିଲେ। ବାଲେଶ୍ୱର ସରକାରୀ ଆଇ.ଟି.ଆଇ. ଅଧ୍ୟକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତ ଏଥିରେ ଯୋଗ ଦେଇ ନିଯୁକ୍ତି ମେଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନିଯୁକ୍ତି ମେଳାରେ ଭାଗ ନେବାକୁ ଆସିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କର ସଫଳତା ନିମନ୍ତେ ଅତିଥିମାନେ କାମନା କରିଥିଲେ। ଆଜି ସକାଳ ୧୦ଘଟିକାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୨ଟି ବ୍ଲକର ୫୦୨ଜଣ ଯୁବକଯୁବତୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୮୧ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଓ ୨୯୦ଜଣଙ୍କୁ ତାଲିମ ପରେ ନିଯୁକ୍ତି ଏହିପରି ଭାବେ ମୋଟ ୩୭୧ଜଣଙ୍କୁ ମନୋନୀତ କରାଯାଇଥିଲା। ଏହି ନିଯୁକ୍ତି ମେଳାରେ ମୋଟ ୪ଟି ପ୍ରତ୍ୟକ୍ଷ ନିଯୁକ୍ତିକାରୀ ସଂସ୍ଥା ଓ ୭ଟି ଟ୍ରେନିଂ ପାର୍ଟନର ଅଂଶଗ୍ରହଣ କରିଥିଲେ। ନିଯୁକ୍ତି ମେଳା ଲାଗି ଜିଲ୍ଲାର ସମସ୍ତ ବ୍ଲକ ସମେତ ଅନ୍ୟାନ୍ୟ ଅଂଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ନିଯୁକ୍ତି ମେଳା ପରିଚାଳନା ଏବଂ ଆଇନ ଶୃଙ୍ଖଳାକୁ ବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିଲା। ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍‌ର ଷ୍ଟେମ୍‌ସେଲ୍ ଥେରାପି

ପୁରୀ: ମୁମ୍ବାଇରେ ସ୍ଥାପିତ ହୋଇଥିବା ତଥା ଭାରତର ଅଗ୍ରଣୀ ଷ୍ଟେମ୍ ସେଲ୍ ଥେରାପି କେନ୍ଦ୍ର, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ଅଟିଜିମ୍ ସମସ୍ୟାରେ ପିଡ଼ିତ ପିଲାମାନଙ୍କ ପାଇଁ ଏକ ବିସ୍ତୃତ ସମାଧାନ ପ୍ରଦାନ କରୁଛି। ଏପର୍ଯ୍ୟନ୍ତ, ନ୍ୟୁରୋଜେନ୍ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୨୦୦୦ରୁ ଉର୍ଦ୍ଧ୍ୱ ଅଟିଷ୍ଟିକ୍ ପିଲାମାନଙ୍କୁ ଚିକିତ୍ସା ପ୍ରଦାନ କରିଛି। ନ୍ୟୁରୋଜେନ୍ ବିଏସ୍‌ଆଇ ସୁରକ୍ଷିତ ଓ ପ୍ରଭାବଶାଳୀ ଭାବରେ ଷ୍ଟେମ୍ ସେଲ୍ ଥେରାପି ମାଧ୍ୟମରେ ଆରୋଗ୍ୟ ହୋଇ ପାରୁନଥିବା ସ୍ନାୟୁବିକ ସମସ୍ୟାରେ ପିଡ଼ିତ ରୋଗୀମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କ ଲକ୍ଷଣ ଓ ଶାରୀରିକ ଅକ୍ଷମତାଗୁଡ଼ିକୁ କମାଇବା ନିମନ୍ତେ ପ୍ରସ୍ତୁତ ହୋଇଛି। ନ୍ୟୁରୋଜେନ୍ ବିଏସ୍‌ଆଇ ଅଟିଜିମ୍, ସେରେବ୍ରାଲ୍ ପ୍ଲାସି, ମାନସିକ ରୋଗ, ମସ୍ତିଷ୍କାଘାତ, ମସ୍କୁଲାର୍ ଡିଷ୍ଟ୍ରୋଫି, ସ୍ପାଇନାଲ୍ କର୍ଡ ଆଘାତ, ମୁଣ୍ଡରେ ଆଘାତ, ସେରେବେଲାର୍ ଆଟେକ୍ସିଆ, ଡେମେନ୍ସିଆ, ମୋଟର ନ୍ୟୁରନ୍ ରୋଗ, ମଲ୍ଟିପୁଲ୍ ସ୍କ୍ଲେରୋସିସ୍ ଓ ନ୍ୟୁରୋସାଇକିଆଟ୍ରିକ୍ ସମସ୍ୟା ପରି ସ୍ନାୟବିକ ସମସ୍ୟାଗୁଡ଼ିକ ପାଇଁ ଷ୍ଟେମ୍ ସେଲ୍ ଥେରାପି ଓ ଉପଯୁକ୍ତ ଥଇଥାନ ପ୍ରଦାନ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ଅନୁଷ୍ଠାନ ୬୫ଟି ଦେଶରୁ ସଫଳ ଭାବେ ୯୦୦୦ ରୋଗୀଙ୍କୁ ଚିକିତ୍ସା



ପ୍ରଦାନ କରିଛି।

ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ନଭେମ୍ବର ୧୬, ୨୦୧୯ରେ ଭୁବନେଶ୍ୱରଠାରେ ଓଡ଼ିଶାର ସମସ୍ତ ସ୍ନାୟବିକ ସମସ୍ୟା ଥିବା ପିଲାମାନଙ୍କ ପାଇଁ ଏକ ମାଗଣା କର୍ମଶାଳା ସହିତ ଓପିଡି ପରାମର୍ଶ ଶିବିର ଆୟୋଜନ କରୁଛି। ନ୍ୟୁରୋଜେନ୍ ସ୍ପାଇନାଲ୍ କର୍ଡ ଆଘାତ, ମସ୍କୁଲାର୍ ଡିସ୍‌ଟ୍ରୋଫି, ଅଟିଜିମ୍, ସେରେବ୍ରାଲ୍ ପ୍ଲାସି ଇତ୍ୟାଦି ରୋଗୀମାନଙ୍କୁ ବୁଝିଥିବାରୁ ସେମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଏହି ଶିବିରର ଆୟୋଜନ କରୁଛି। କାରଣ କେବଳ ପରାମର୍ଶ କରିବା ପାଇଁ ମୁମ୍ବାଇକୁ ଯାତ୍ରା କରିବା ଅତ୍ୟନ୍ତ କଷ୍ଟକର ଅଟେ। ଆରୋଗ୍ୟ ହୋଇପାରୁ ନଥିବା ସ୍ନାୟବିକ ରୋଗରେ ପିଡ଼ିତ ରୋଗୀମାନେ ଏହି ମାଗଣା ଶିବିରରେ ପରାମର୍ଶ ଗ୍ରହଣ କରିବା ପାଇଁ ପୁଷ୍କଳାଙ୍କୁ ୦୯୮୨୧୫୨୯୬୫୩ / ୦୯୯୨୦୨୦୦୪୦୦ରେ ଯୋଗାଯୋଗ କରିପାରିବେ।

ଡା. ଆଲୋକ ଶର୍ମା, ପ୍ରଫେସର ତଥା ନ୍ୟୁରୋସର୍ଜରୀ ମୁଖ୍ୟ, ଏଲ୍‌ଟିଏମ୍‌ଜି ହସ୍ପିଟାଲ୍ ଓ ଏଲ୍‌ଟିଏମ୍ ମେଡିକାଲ୍ କଲେଜ୍, ସିଅନ୍ ମୁମ୍ବାଇ ଏବଂ ନିର୍ଦ୍ଦେଶକ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ ପ୍ରକାଶ କରିଛନ୍ତି, "ଚିକିତ୍ସା ବିଜ୍ଞାନରେ ବିକାଶ ଦର୍ଶାଉଛି ଯେ, ଏକ କଷ୍ଟକର ଅଚିକିତ୍ସନୀୟ ସମସ୍ୟା ଏକ ବହୁ-ଶୃଙ୍ଖଳିତ ଉପାୟରୁ ଆସିଥାଏ। ଏହା ସେତେବେଳେ ହୋଇଥାଏ, ଯେତେବେଳେ ବିଭିନ୍ନ ବିଶେଷତା ଥିବା ଲୋକମାନେ ସେମାନଙ୍କ ଜ୍ଞାନ, ଦକ୍ଷତା ଓ ଉତ୍ସଗୁଡ଼ିକୁ ଏକତ୍ରିତ କରିଥାଆନ୍ତି।"

ଡା ରିଚା ବଂଶୋଦ, ସର୍ଜିକାଲ୍ ସର୍ଭିସ୍ ମୁଖ୍ୟ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ କହିଛନ୍ତି, "ଅଟିଜିମ୍ ସ୍ପେକ୍‌ଟ୍ରମ୍ ସମସ୍ୟା (ଏଏସ୍‌ଡି) ପିଲାଦିନେ ହେଉଥିବା ଏକ ସାଧାରଣ ନ୍ୟୁରୋ ସାଇକିଆଟ୍ରିକ୍ ସମସ୍ୟା ଅଟେ। ଆମେରିକାରେ ପ୍ରତି ୬୮ ଜଣ ପିଲାଙ୍କ ମଧ୍ୟରେ ଜଣଙ୍କୁ ଅଟିଜିମ୍ ହୋଇଥାଏ। ଭାରତରେ ଏହି ସଂଖ୍ୟା ପ୍ରତି ୨୫୦ ଜଣ ପିଲାଙ୍କ ମଧ୍ୟରେ ୧ ଜଣଙ୍କୁ ଅଟିଜିମ୍ ହୋଇଥାଏ। ଏହି ସଂଖ୍ୟା ଉତ୍ତମ ଚିହ୍ନଟ ଓ ସଚେତନତା ଯୋଗୁଁ ବୃଦ୍ଧି ପାଇଛି।"

ଡା ନନ୍ଦାନି ଗୋକୁଳଚନ୍ଦ୍ରନ୍, ଡେପୁଟି ନିର୍ଦ୍ଦେଶକ ଓ ମେଡ଼ିକାଲ୍ ସେବା ମୁଖ୍ୟ, ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍ଷ୍ଟିଚ୍ୟୁଟ୍ କହିଛନ୍ତି, "ଅଟିଜିମ୍ ହେଉଛି ପିଲାମାନଙ୍କଠାରେ ଦେଖାଯାଉଥିବା ଏକ ସମସ୍ୟା, ଯାହା ଦ୍ୱାରା କଥା କହିବାରେ ସମସ୍ୟା, ହାଇପର ଆକ୍ଟିଭିଟି, ଉତ୍ତେଜକ ବ୍ୟବହାର ଓ ସାମାଜିକ ଭାବ ବିନିମୟରେ କଷ୍ଟ ହୋଇଥାଏ। ବର୍ତ୍ତମାନ ଭାରତରେ ଏକ କୋଟି ପିଲା ଏଥିରେ ପ୍ରଭାବିତ ହୋଇଛନ୍ତି। ଲକ୍ଷଣକୁ କମାଇବା, ସ୍ୱତନ୍ତ୍ର ଶିକ୍ଷା, ପେଶାଗତ ବକ୍ତବ୍ୟ ଓ ବ୍ୟବହାରିକ ଥେରାପି ପାଇଁ ସେମାନେ ଔଷଧ ମାଧ୍ୟମରେ ଚିକିତ୍ସିତ ହେଉଛନ୍ତି। ଏପରି କିଛି ସମସ୍ୟା ରହିଛି, ଯେଉଁଠାରେ ଉତ୍ତମ ଔଷଧ ଥାଇ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚିକିତ୍ସା ବିଜ୍ଞାନ ରୋଗୀମାନଙ୍କୁ ସେମାନଙ୍କ ଚିକିତ୍ସା ବା ଶାରୀରିକ ଲକ୍ଷଣରେ ସନ୍ତୋଷଜନକ ସେବା ଦେଇପାରି ନାହିଁ।"

୧୬ ବର୍ଷର ବାଳକ ଅନୁରାଗ ଚାମ୍ପି ଓଡ଼ିଶାର ବାସିନ୍ଦା ଅଟନ୍ତି। ଅନୁରାଗ ସଗୋତ୍ର ବିବାହ କରିଥିବା ଦମ୍ପତିଙ୍କଠାରୁ ଅତ୍ୟନ୍ତ ସାଧାରଣ ଭାବେ ଜନ୍ମ ଗ୍ରହଣ କରିଥିଲେ। ମାଆଙ୍କର ବୟସ ୩୨ ଥିଲା, ଯାହାଙ୍କର ଆଗରୁ କେବେ ଗର୍ଭଧାରଣ ହୋଇ ନଥିଲା କିମ୍ବା ପ୍ରସବରେ ଜଟିଳତା ନଥିଲା। କିନ୍ତୁ ସାତ ମାସ ସମୟରେ ତାଙ୍କ ମାଆ ସିଡ଼ିରୁ ପଡ଼ିଯାଇଥିଲେ। ପଡ଼ିବା କାରଣରୁ ମେଡିକାଲ୍ ପରିକ୍ଷାରେ ଭ୍ରୃଣ ଓ ମାଆଙ୍କ କ୍ଷେତ୍ରରେ କୌଣସି ଅସୁବିଧା ଦେଖାଯାଇ ନଥିଲା। ତାଙ୍କର ପରିବାରର ଇତିହାସରେ ମଧ୍ୟ ଅଟିଜିମ୍ କିମ୍ବା ଏହି ସମ୍ପର୍କୀତ କୌଣସି ସମସ୍ୟା ନଥିଲା। ଜନ୍ମ ସମୟରେ ଅନୁରାଗ ଜଣେ ସ୍ୱାସ୍ଥ୍ୟବାନ ଶିଶୁ ଥିଲେ କିନ୍ତୁ ସେ କାନ୍ଦୁ ନଥିଲେ। ତିନି ବର୍ଷ ପର୍ଯ୍ୟନ୍ତ ତାଙ୍କର ନିୟମିତ ଭାବେ ବୃଦ୍ଧି ହୋଇଥିଲା।

## ବ୍ୟବସାୟିକ ଋଣ କ୍ଷେତ୍ରରେ ମନ୍ଥର ଅବସ୍ଥା

ମୁମ୍ବାଇ,: ଚଳିତ ଆର୍ଥିକ ବର୍ଷର ଗତ ଜୁନ୍ ତାରିଖ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ବ୍ୟବସାୟିକ ଋଣ ଅଭିବୃଦ୍ଧି ମନ୍ଥର ହୋଇଛି ବୋଲି ଟ୍ରାନ୍‌ସୟୁନିୟନ ସିବିଲ - ସିଡ଼ବି ଏମଏସ୍‌ଏମଇ ପଲ୍‌ସ ରିପୋର୍ଟର ୭ମ ସଂସ୍କରଣରେ ଉଲ୍ଲେଖ କରାଯାଇଛି। ଗତ କିଛି ବର୍ଷ ତ୍ରୟମାସିକ ଭିତ୍ତିରେ ଏକ ନିୟମିତ ଅଭିବୃଦ୍ଧି ଦେଖାଉଥିବା ପରିଲକ୍ଷିତ ହୋଇଛି। ଜୁନ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ବ୍ୟବସାୟିକ ଋଣ ଅଭିବୃଦ୍ଧି ୧୦.୪% ରହିଥିଲେ ମଧ୍ୟ ପୂର୍ବ ତ୍ରୟମାସ ତୁଳନାରେ ଏଥିରେ ୨.୬% ହ୍ରାସ ଘଟିଛି। ଫଳରେ ପୂର୍ବ ତ୍ରୟମାସରେ ଋଣ ପରିମାଣ ୬୫.୫ ଲକ୍ଷ କୋଟି ଟଙ୍କା ଥିଲାବେଳେ ପରବର୍ତ୍ତୀ ତ୍ରୟମାସରେ ତାହା ୬୩.୮ ଲକ୍ଷ କୋଟି ଟଙ୍କା ହୋଇଛି।

ସେହିପରି ଅଚଳନ୍ତି ସଂପତ୍ତି ପରିମାଣ ମଧ୍ୟ ବୃଦ୍ଧି ପାଇଁ ୧୬.୧% ହୋଇଛି ଯାହା ପୂର୍ବ ତ୍ରୟମାସରେ ୧୫.୫% ଥିଲା। ୨୦୧୮ ଜୁନ୍‌ରେ ବ୍ୟବସାୟିକ ଋଣ କ୍ଷେତ୍ରରେ ହାରାହାରି ଅଚଳନ୍ତି ସଂପତ୍ତି ପରିମାଣ ୧୭.୨% ଥିଲା। ତେଣୁ ସଂପତ୍ତି ଅଚଳନ୍ତି ସଂପତ୍ତି ପରିମାଣ ବୃଦ୍ଧି ପାଇଥିଲେ ମଧ୍ୟ ପୂର୍ବବର୍ଷ ତୁଳନାରେ ତାହା କମ୍ ରହିଛି। କ୍ଷୁଦ୍ର ଓ ଅଣୁ ଶିଳ୍ପ କ୍ଷେତ୍ରରେ ଅଚଳନ୍ତି ସଂପତ୍ତି ପରିମାଣ ୮.୫% ରୁ ୮.୭% ମଧ୍ୟରେ ରହିଛି। ଏମଏସ୍‌ଏମଇ ପଲ୍‌ସର ଏହି ସଂସ୍କରଣରେ ଅଟୋ ଶିଳ୍ପ ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯାଇଥିଲା।

## ବଜାଜ ଫିନ୍‌ସର୍ଭର 'ଜଷ୍ଟଇଏମ୍‌ଆଇ ୱାଲୀ ସ୍ପାର୍କିଲିଙ୍ଗ୍ ଦିୱାଲୀ' ଅଭିଯାନ

ଭୁବନେଶ୍ୱର : ବଜାଜ ଫିନ୍‌ସର୍ଭ ନିଜ ଗ୍ରାହକ ମାନଙ୍କ ପାଇଁ ଆଣିଛି 'ଜଷ୍ଟଇଏମ୍‌ଆଇ ୱାଲୀ ସ୍ପାର୍କିଲିଙ୍ଗ୍ ଦିୱାଲୀ' ଅଭିଯାନ। ଏହା ଅନ୍ତର୍ଗତ ଅନ୍‌ଲାଇନ୍ ଏବଂ ବଜାଜ ଫିନ୍‌ସର୍ଭ ପାର୍ଟର୍ନର ଷ୍ଟୋରେ ରହିଛି ୧୦୦୦ରୁ ଅଧିକ ଅଫର। ଏକ ମାସ ଧରୀ ଚାଲିବାକୁ ଥିବା ଏହି ଅଭିଯାନରେ ୫୦ ମିଲିୟନରୁ ଅଧିକ ଗ୍ରାହକଙ୍କ ପାଇଁ ଇନ୍‌ଷ୍ଟାଟ୍ ଫାଇନାନ୍‌ସିଙ୍ଗର ଅଫର ମଧ ରହିଛି। ଯାହା ଅନ୍ତର୍ଗତ ଇଏମ୍‌ଆଇ ନେଟ୍‌ୱର୍କ କାର୍ଡ୍ ମାଧ୍ୟମରେ ଗ୍ରାହକ ୧୮୦୦ଟି ସହରରେ ଥିବା ୯୦,୦୦୦ରୁ ଅଧିକ ରିଟେଲ୍ ଷ୍ଟୋରରେ ଜିନିଷ କିଣିପାରିବେ। ଏହି ଅଭିଯାନ ସମୟରେ ଗ୍ରାହକ ବିଗ୍ ବଜାର, ବୁକ୍ ମାଇ ଶୋ, ପିଜା ହଟ୍, ବାସ୍କିନ୍ ରବିନ୍ ଇତ୍ୟାଦିର କାର୍ଡ୍ ଜିତିବା ସୁଯୋଗ ପାଇବା ସହ ୩୦୦୦/- ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଓ ୧୨୦୦/- ଟଙ୍କା ପର୍ଯ୍ୟନ୍ତ ଭାଉଚର୍ ମଧ ପାଇପାରିବେ।

# ଚାନ୍ଦିପୁର ଆଇଟିଆର ପକ୍ଷରୁ ଲେବ୍ ରେଜିଂ ଡେ ଅନୁଷ୍ଠିତ




ବାଲେଶ୍ୱର,(ପିଏନ): ଭାରତର ପ୍ରତିରକ୍ଷା ଗବେଷଣାକୁ ଅଧିକ ବିକାଶଶୀଳ କରିବା ପାଇଁ ୩୭ବର୍ଷ ପୂର୍ବେ ତତ୍କାଳୀନ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୁଫ୍ ସଂଲଗ୍ନ ୨୦୦ ଏକର ପରିମିତ ଜମିକୁ ନେଇ ସେଠାରେ ପ୍ରତିରକ୍ଷା ଗବେଷଣା କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି ସଂସ୍ଥା ୩୭ ବର୍ଷ ମଧ୍ୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଏହାର କଳେବର ବୃଦ୍ଧି କରିପାରିଛି। ଏହି ସଂସ୍ଥାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ଏ.ପି.ଜେ ଅବଦୁଲ୍ କାଲାମ୍ କାର୍ଯ୍ୟରତ ଥିଲା ବେଳେ ଅଗ୍ନି, ପୃଥ୍ୱୀ ଭଳି ଉନ୍ନତମାନର ଦୂରଗାମୀ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଥିଲେ। ଏବେ ଏଠାରୁ ଅଗ୍ନି ଓ ପୃଥ୍ୱୀକୁ ସ୍ଥାନନ୍ତର କରାଯାଇ ସଂପ୍ରତି ଧାମରା କାଲାମ୍ ଆଇଲ୍ୟାଣ୍ଡରୁ ପରୀକ୍ଷଣ କରାଯାଉଛି। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଏଠାକାର ଆଇଟିଆର ଉପରେ ନ୍ୟସ୍ତ କରାଯାଇଛି। ଏହା ଭାରତର ଏକ ପ୍ରମୁଖ ପ୍ରତିଷ୍ଠାନର ମାନ୍ୟତା ଲାଭ କରିବା ଆମ ପାଇଁ ଏକ ଗୌରବ ବୋଲି ଚାନ୍ଦିପୁରସ୍ଥିତ ଆଇଟିଆର ପକ୍ଷରୁ ଅନୁଷ୍ଠିତ ୩୭ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ବକ୍ତାମାନେ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ, ଟେକନିକାଲ ଅଫିସର ଏବଂ ଷ୍ଟାଫ୍‌ମାନଙ୍କୁ ସେମାନଙ୍କର ଉତ୍କର୍ଷ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଏଥିରେ ଆଇଟିଆରର କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଏମ.କେ ପାଲ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଏସ.ସି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିପିୟୁଟିର ଭାଇସ ଚାନ୍ସେଲର ପ୍ରଫେସର ଡ. ଚିତ୍ତରଞ୍ଜନ ତ୍ରିପାଠୀ, ନିର୍ଦ୍ଦେଶକ ଡ. ବି.କେ ଦାସ, ଅନୁପ କୁମାର ସାହୁ ଅଧକ୍ଷ ଓ କାର୍ଯ୍ୟକାରୀ କମିଟି, ଏସ.ସି ପାତ୍ର ଭାଇସ ଚେୟାରମ୍ୟାନ୍ ରେଜିଂ ଡେ ଏବଂ ଏସ.କେ ରାଉତ ସେକ୍ରେଟାରୀ, ମଧୁସ୍ମିତା ମହାନ୍ତି ଓ ଜୟସଙ୍କର ଭାରତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲୁକା ଶିଳ୍ପୀ ଟୁନା ବେହେରା ବାଲୁକାରେ ବୁଦ୍ଧଦେବଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଏହି ଅବସରରେ ହିନ୍ଦୀ, ଇଂରାଜୀ ଏବଂ ଓଡିଶା ଭାଷାରେ 'ଉତ୍କର୍ଷ' ନାମକ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା, କୁଇଜ୍, ଅନ୍ତାକ୍ଷରୀ, ଚିତ୍ରାଙ୍କନ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଠ ବର୍ଷ ହେଲା ସରକାର କୁକୁର କାମୁଡା ଇଂଜେକ୍ସନ ଯୋଗାଉ ନାହାନ୍ତି-ଆରଜିଏଚ ମୁଖ୍ୟ

ରାଉରକେଲା, (ପିଏନ)- ଗତ ଆଠ ବର୍ଷ ହେଲା ରାଜ୍ୟ ସରକାର କୁକୁର କାମୁଡା ଇଂଜେକ୍ସନ ରାଉରକେଲାକୁ ଯୋଗାଉ ନାହାନ୍ତି, ଆରଜିଏଚ ତା'ର ନିଜସ୍ୱ ଫଣ୍ଡରୁ କାମ ଚଳାଇଆସୁଛି ବୋଲି ରାଉରକେଲା ମୁଖ୍ୟ ଡାକ୍ତରଖାନା ଆରଜିଏଚର ମୁଖ୍ୟ ନିହାର ରଂଜନ ନାୟକ ପ୍ରକାଶ କରିଛନ୍ତି। ଆଜି ପୁଣି ଜଣେ ଛୋଟ ପିଲାକୁ କୁକୁର କାମୁଡିବା ପରେ ତାର ପରିବାର ବର୍ଗ ଆରଜିଏଚରେ ପହଁଚି ଇଂଜେକ୍ସନ ନପାଇ ଧାରଣା ଦେବା ଘଟଣାରେ ନିଜର ପ୍ରତିକ୍ରିୟା ରଖି ଶ୍ରୀ ନାୟକ ଏହା ପ୍ରକାଶ କରିଛନ୍ତି। ସହରରେ ବର୍ତମାନ ବୁଲା କୁକୁରଙ୍କ ସଂଖ୍ୟା ଅସମ୍ଭବ ଭାବେ ବଢିଥିବା ବେଳେ ଅନେକ ଛୁଆ ନିକଟରେ ଜନ୍ମ ନେଇଛନ୍ତି। ବାହାର ମଳତ୍ୟାଗକୁ ଗ୍ରହଣ କରି ଏମାନେ ପାଗଳ ହେଉଥିବା କୁହାଯାଉଥିବା ବେଳେ ସହରରେ ଅନେକ ପାଗଳା କୁକୁର ବିଭିନ୍ନ ଯାଗାରେ ଘୁରି ବୁଲୁଛନ୍ତି। ଛୋଟ ଛୁଆ, ମୋଟର ସାଇକେଲ ଆରୋହୀ ମାନଙ୍କୁ ଏମାନେ କାମୁଡୁ ଥିବା ଦେଖାଯାଉଛି। ସେହିଭଳି ଆଜି ଜଣେ ଛୋଟ ଛୁଆ କୁକୁର କାମୁଡାର ଶୀକାର ହୋଇ ଡାକ୍ତରଖାନା ଆସି ଫେରିଥିବା ବେଳେ ଶିଶୁ ଦିବସରେ ପାନପୋଷ ଅଂଚଳରେ ଜଣଙ୍କର ମୃତ୍ୟୁ ହୋଇଛି। ଘରାଇ ଡାକ୍ତରଖାନା ଠାରୁ ଆରମ୍ଭ କରି ଔଷଧ ଦୋକାନଯାଏ ସବୁ ଯାଗାରେ ଏହି ଇଂଜେକ୍ସନର ଅଭାବ ପରିଲକ୍ଷିତ ହୋଇଛି। କେତେକ ହୋଲସେଲର୍ କହିଛନ୍ତି କଂପାନୀ ଏହି ଇଂଜେକ୍ସନ ଯୋଗାଇପାରୁନି। ତେଣୁ ଯେଉଁଠି ବି ମିଳୁଛି ଚଢ଼ା ଦାମରେ ଏହାକୁ କିଣିବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ସହରରେ ଜଣେ ଡ୍ରଗ୍ସ ଇନିସପେକ୍ଟର ଥିବା ସତ୍ୱେ ସେ ମଧ ଏନେଇ ପୁରା ଚୁପ୍। ବିଗତ କିଛି ଦିନ ଧରି ଏହି ସମସ୍ୟା ସରକାରୀ ଡାକ୍ତରଖାନାରେ ଲାଗି ରହିଥିବା ବେଳେ ଆରଜିଏଚ ମୁଖ୍ୟ ଶ୍ରୀ ନାୟକ କହିଛନ୍ତି ଆମେ ନିଜ ପାଣ୍ଠିରୁ କାମ ଚଳାଉଥିଲୁ। ନିକଟରେ ପାଣ୍ଠି ସରିଜିବାରୁ ଆଉ ଇଂଜେକ୍ସନ କିଣା ଯାଇପାରିନି। ଏ ସମସ୍ୟା ଖାଲି ରାଉରକେଲାରେ ନୁହେଁ ଭୁବନେଶ୍ୱରରେ ମଧ ଲାଗି ରହିଛି। ରାଜ୍ୟ ସରକାରଙ୍କୁ ଏନେଇ ଏକ ଅନୁମୋଦନ ତଥା ଅନୁରୋଧ କରାଯାଇଛି। ଏକ ସପ୍ତାହ ଭିତରେ ଏହାର ସମାଧାନ ହୋଇଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଗୋଟାଏ ପଟେ ମହାନଗର ନିଗମ ଏହି କୁକୁର ମାନଙ୍କ ଉପରେ ନିୟନ୍ତ୍ରଣ ରଖି ପାରୁନଥିବା ବେଳେ ବାହ୍ୟ ମଳତ୍ୟାଗ ଖାଦ୍ୟ ଭାବେ ଗ୍ରହଣ କରି ଏମାନେ ପାଗଳ ହେଉଛନ୍ତି। ତା ପରେ ଏମାନେ ସାଧାରଣ ଲୋକଙ୍କୁ କାମୁଡୁଛନ୍ତି।

# ଏସ୍‌ବିଆଇ କାର୍ଡ ପକ୍ଷରୁ କଂଟାକ୍ଟଲେସ୍ ମୋବାଇଲ୍ ପେମେଂଟ୍ ପାଇଁ ଏସ୍‌ବିଆଇ କାର୍ଡ ପେ'ର ଶୁଭାରମ୍ଭ

ନୂଆଦିଲ୍ଲୀ/ ଭୁବନେଶ୍ୱର: କ୍ରେଡିଟ୍ କାର୍ଡ ଜାରି କରୁଥିବା ଭାରତର ଅନ୍ୟତମ ଅଗ୍ରଣୀ ସଂସ୍ଥା ଏସ୍‌ବିଆଇ କାର୍ଡ ପକ୍ଷରୁ ମୋବାଇଲ୍ ଫୋନ୍‌କୁ ବ୍ୟବହାର କରି ତ୍ୱରିତ, ସହଜ ଓ ଅଧିକ ସୁରକ୍ଷିତ କାର୍ଡ ପେମେଂଟ୍ ଲାଗି ହୋଷ୍ଟ୍ କାର୍ଡ ଏମୁଲେସନ୍ (ଏଚ୍‌ସିଇ) ପ୍ରଯୁକ୍ତି ଭିତିକ ଏକ ପେମେଂଟ୍ ସୁବିଧା 'ଏସ୍‌ବିଆଇ କାର୍ଡ ପେ'ର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି। ଏସ୍‌ବିଆଇ କାର୍ଡ ପେ ଦ୍ୱାରା ଗ୍ରାହକମାନେ ପ୍ରତ୍ୟକ୍ଷ କ୍ରେଡିଟ୍ କାର୍ଡକୁ ବ୍ୟବହାର ନକରି କିମ୍ବା କୌଣସି ପିନ୍ ନଦେଇ, ନିଅର ଫିଲ୍ଡ କମ୍ୟୁନିକେସନ୍ (ଏନ୍‌ଏଫ୍‌ସି) ସୁବିଧା ଥିବା ପଏଂଟ୍ ଅଫ୍ ସେଲ୍ ଟର୍ମିନାଲ୍‌ରେ ସେମାନଙ୍କ ମୋବାଇଲ୍ ଫୋନ୍ ଜରିଆରେ କଂଟାକ୍ଟଲେସ୍ ପେମେଂଟ୍ କରିପାରିବେ। ଭାରତରେ ଏଭଳି ପ୍ରଥମ ଧରଣର ପେମେଂଟ୍ ସମାଧାନ ଭାବେ ଗ୍ରାହକଙ୍କୁ କେବଳ ଗୋଟିଏ ଆପ୍‌ରେ ସେମାନଙ୍କ କ୍ରେଡିଟ୍ କାର୍ଡ ଆକାଉଂଟ୍‌କୁ ପରିଚାଳନା କରିବା ସମେତ କଂଟାକ୍ଟଲେସ୍ ପେମେଂଟ୍ ଲାଗି ଏହି ସୁବଧାକୁ ଏସ୍‌ବିଆଇ କାର୍ଡ ମୋବାଇଲ୍ ଆପ୍‌ର ଏକ ଅଂଶ ଭାବେ ଗଠିତ କରାଯାଇଛି। ଏସ୍‌ବିଆଇ କାର୍ଡ ପେ ଜରିଆରେ ଗ୍ରାହକମାନେ ନିଜ ଅଭିପ୍ରାୟ ଅନୁସାରେ ପ୍ରତ୍ୟକ କାରବାର ଓ ଦୈନିକ କାରବାର ସୀମା ଧାର୍ଯ୍ୟ କରିପାରିବେ। ବର୍ତମାନ, ଅନ୍ୟ ଏଚ୍‌ସିଇ ସୁବିଧା ଥିବା ଆପ୍‌ରେ କାରବାର ପିଛା ସୀମା ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ଓ ଦୈନିକ କାରବାର ସୀମା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ଯାହା ଫଳରେ ଏହି ସୁବିଧାର ଉପଯୁକ୍ତ ବ୍ୟବହାର ସୀମାବଦ୍ଧ ହୋଇଯାଇଛି।

ଏସ୍‌ବିଆଇ କାର୍ଡ ପେ ବ୍ୟବହାର କରିବା ଲାଗି କାର୍ଡଧାରୀମାନଙ୍କୁ ଏସ୍‌ବିଆଇ କାର୍ଡ ମୋବାଇଲ୍ ଆପ୍‌ର ସଦ୍ୟତମ ଭର୍ସନରେ ସେମାନଙ୍କ କାର୍ଡକୁ ଥରେ ପଂଜୀକରଣ କରିବାକୁ ହେବ। କାର୍ଡ ପଂଜୀକୃତ ହୋଇଯିବା ପରେ ଗ୍ରାହକମାନେ କେବଳ ନିଜ ଫୋନ୍‌ର ସ୍କ୍ରିନ୍‌କୁ ଅନଲକ୍ କରି ଏବଂ ନିଜ ଫୋନ୍‌କୁ ପଏଂଟ୍ ଅଫ୍ ସେଲ୍ ଟର୍ମିନାଲ୍ ପାଖାପାଖି ନେଇ ପେମେଂଟ୍ କରିପାରିବେ। ଏହି ସୁବିଧାକୁ ଭିସା ପ୍ଲାଟଫର୍ମରେ ଶୁଭାରମ୍ଭ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ୍ ଓଏସ୍ କିଟ୍‌କାଟ ଭର୍ସନ ୪.୪ ଏବଂ ତା'ଠାରୁ ଉଚ୍ଚତର ଭର୍ସନର ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍‌ରେ କାର୍ଯ୍ୟ କରିବ। ଏସ୍‌ବିଆଇ କାର୍ଡ ପେ'ର ଉନ୍ମୋଚନ ବିଷୟରେ ମନ୍ତବ୍ୟ ଦେଇ ଶ୍ରୀଯୁକ୍ତ ହରଦୟାଲ ପ୍ରସାଦ, ଏମ୍‌ଡି ଓ ସିଇଓ, ଏସ୍‌ବିଆଇ କାର୍ଡ କହିଛନ୍ତି ଯେ, "ଆମ ଗ୍ରାହକଙ୍କ ପେମେଂଟ୍ ଅନୁଭୂତିକୁ ବୁଦ୍ଧିମନ୍ତ କରିବା ହେଉଛି ଏସ୍‌ବିଆଇ କାର୍ଡ ପେ'ର ଲକ୍ଷ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତି ଯଥା ଏଚ୍‌ସିଇକୁ ବ୍ୟବହାର କରି ଆମେ ଆଜିର ବିବିଧ ଜୀବନଶୈଳୀର ଗ୍ରାହକଙ୍କ ବେଗ ସହିତ ତାଳ ଦେଇ ପାରୁଥିବା ଏକ ନିରବଚ୍ଛିନ୍ନ ତଥା ତ୍ୱରିତ ପେମେଂଟ୍ ସୁବିଧା ପ୍ରଦାନ କରିବାକୁ ଚାହୁଁଛୁ। ଦେଶର ଡିଜିଟାଲ୍ ପେମେଂଟ୍ ଅଭିଯାନରେ କଂଟାକ୍ଟଲେସ୍ ପେମେଂଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଆମେ ବିଶ୍ୱାସ କରୁଛୁ ଏବଂ ସାରା ଦେଶରେ ସହାୟକ ହେଉଥିବା ଭିତିଭୂମିରେ ଉନ୍ନତି ହେଉଥିବାରୁ, ଗ୍ରହଣୀୟତା ନିଶ୍ଚିତ ରୂପେ ଉଲ୍ଲେଖନୀୟ ଭାବେ ବୃଦ୍ଧିପାଇବ।''

# ଇନଫିନିକ୍ସ ପକ୍ଷରୁ ଏସ୫ ସ୍ମାର୍ଟଫୋନର ଶୁଭାରମ୍ଭ

ଭୁବନେଶ୍ୱର : ଅତ୍ୟନ୍ତ ଲୋକପ୍ରିୟ ଏସ ସିରିଜ ସ୍ମାର୍ଟଫୋନର ବିପୁଳ ସଫଳତା ସହିତ ଇନଫିନିକ୍ସ ଟ୍ରାନ୍ସିସନ ଗ୍ରୁପ ପକ୍ଷରୁ ନିକଟରେ ଏକ ପ୍ରିମିୟମ ବ୍ରାଣ୍ଡ ନିକଟରେ ଏସ୫ ସ୍ମାର୍ଟଫୋନ ବିକ୍ରୟ ଆରମ୍ଭ କରାଯାଇଛି। ଏସ ସିରିଜର ଏହି ସ୍ମାର୍ଟଫୋନ୍ "ସୁପର ସିନେମା" ଡିସପ୍ଲେ ବିଶେଷତାକୁ ଅନ୍ତର୍ଭୁକ୍ତ କରି ମୋବାଇଲ ମଲଟି ମିଡିଆ ଅନୁଭବରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ଦେଇଛି ଯାହାକି ଏକ ସିନେମାତ୍ମକ ଅନୁଭବ ପ୍ରଦାନକରେ। ଏହା ବ୍ୟତୀତ ଏହା କମରସିଭ ୬.୬ ଇଞ୍ଚ ସ୍କ୍ରିନ ସହିତ କ୍ୱାର୍ଡ କ୍ୟାମେରା ଏବଂ ପଞ୍ଚ ହୋଲ ଡିସପ୍ଲେ, ୩୨ ଏମପି ଇନ-ଡିସପ୍ଲେ ସେଲଫି, ୪୦୦୦ ମେଗାହର୍ଜ ବ୍ୟାଟେରୀ ଏବଂ ୩ଡି ଗ୍ଲାସ ଡିଜାଇନ ସହିତ ଅନେକ ନୂତନ ବିଶେଷତା ରହିଛି। ଏହା ବ୍ୟତୀତ ୪ + ୬୪ ର୍‍ୟାମ/ରୋମ ଏବଂ "ସୁପର ସିନେମା" ଡିସପ୍ଲେରେ ସୁସଜ୍ଜିତ ଏହି ସ୍ମାର୍ଟଫୋନ୍ ମାତ୍ର ଟ.୮୯୯୯/-ରେ ଉପଲବ୍ଧ ହେବ। ଏହା ବ୍ୟତୀତ ଚଳିତ ବର୍ଷର ୨୧ ଅକ୍ଟୋବର ମଧ୍ୟାହ୍ନ ୧୨ଟାରୁ ଫ୍ଲିପ୍‌କାର୍ଟରେ ଏହି ଏସ୫ ସ୍ମାର୍ଟଫୋନର ବିକ୍ରୟ ଆରମ୍ଭ ହେବାକୁ ଯାଉଛି।




# ଐତିହାସିକ କଟକ ସହରର ସମସ୍ୟା

ଭୁବନେଶ୍ୱର (ପିଏନ୍): ଅତୀତରେ ସୋମବଂଶୀ ରାଜାମାନେ ପ୍ରତିଷ୍ଠା କରିଥିବା ପଞ୍ଚ କଟକ ମଧ୍ୟରୁ ବାରାଣାସୀ କଟକ ହେଉଛି ଅନ୍ୟତମ। ଅନ୍ୟ ଚାରୋଟି କଟକ ହେଲେ ସାରଙ୍ଗ ଗଡ଼ କଟକ, ଚୌଦ୍ୱାର କଟକ, ଅମରାବତୀ କଟକ ଓ ଯାଜପୁର କଟକ। ଏହି ପାଞ୍ଚୋଟି କଟକକୁ ମିଶାଇ ପ୍ରତିରକ୍ଷାର ଗୋଟିଏ ସୁଦୃଢ଼ ବଳୟ ପ୍ରତିଷ୍ଠା କରାଯାଇଥିଲା। ବାରାଣାସୀ କଟକରେ ରାଜଧାନୀ ନିର୍ମାଣ କରାଯିବା ସହିତ ଅନ୍ୟ କଟକ ଗୁଡ଼ିକ ଗୋଟିଏ ଗୋଟିଏ ସାମରିକ ଦୁର୍ଗ ଭାବରେ ଏହାକୁ ସୁରକ୍ଷା ପ୍ରଦାନ କରୁଥିଲେ। ଏହି ବାରାଣାସୀ କଟକ ହେଉଛି ଆଜିର ଐତିହାସିକ କଟକ। ୯୮୯ ଖ୍ରୀଷ୍ଟାବ୍ଦରେ କେଶରୀ ବଂଶର ରାଜା ନୃପ କେଶରୀ ଏହି ଅଞ୍ଚଳର ଭୌଗୋଳିକ ସ୍ଥିତି ଓ ସାମରିକ ଗୁରୁତ୍ୱକୁ ବିଚାର କରି ଏଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ ବୋଲି ଐତିହାସିକମାନେ ମତ ପ୍ରଦାନ କରନ୍ତି। ଏହି ଅଞ୍ଚଳକୁ ବନ୍ୟା ପ୍ଲାବନରୁ ରକ୍ଷା କରିବା ପାଇଁ ପଥର ବନ୍ଧ ମଧ୍ୟ ନୃପ କେଶରୀ ନିର୍ମାଣ କରିଥିଲେ। ତେବେ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଭିନ୍ନ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ଏହାର କେବଳ ଶାରୀରିକ ଅଭିବୃଦ୍ଧି ଘଟିନାହିଁ, ରାଜ୍ୟର ଅର୍ଥନୈତିକ ପ୍ରାଣ କେନ୍ଦ୍ର ଭାବରେ ମଧ ପ୍ରତିଷ୍ଠା ଅର୍ଜନ କରିଛି। ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପର୍ଯ୍ୟନ୍ତ କଟକରେ କୌଣସି ଆଧୁନିକ ଧରଣର ରାସ୍ତାଘାଟ ନଥିଲା। କେବଳ କେତେଗୁଡ଼ିଏ କଚ୍ଚା ରାସ୍ତା ଓ ଜଳସ୍ରୋତ ଛନ୍ଦା ଛନ୍ଦି ହୋଇରହିଥିଲେ। ନଈରେ ପୋଲ ନଥିଲା କି ନଈ ପାରି ହେବା ପାଇଁ କୌଣସି ବ୍ୟବସ୍ଥା ନଥିଲା। ପୂର୍ବ-ପଶ୍ଚିମ ଦେଇ କାଠଯୋଡ଼ି ପଥର ବନ୍ଧଠାରୁ ଲମ୍ବି ଯାଇଥିବା ବଜ୍ରକବାଟି ରୋଡ଼ ଓ ଉତ୍ତର ଦକ୍ଷିଣ ଦେଇ ରାମଗଡ଼ ଠାରୁ ବଜ୍ରକବାଟି ମଧ୍ୟରେ ଥିବା ମୁଖ୍ୟ ଡ୍ରେନ ହିଁ ସହରରସୀମା ଥିଲା। ମାତ୍ର ୧୮୬୨ ମସିହାରେ ଇଂରେଜମାନଙ୍କ ଦ୍ୱାରା ଇଷ୍ଟଇଣ୍ଡିଆ ଇରିଗେସନ୍ କମ୍ପାନୀ ପ୍ରତିଷ୍ଠା ଓ ୧୯୧୯ରେ ବେଙ୍ଗଲ-ନାଗପୁର ରେଲୱେ ପ୍ରତିଷ୍ଠା ହେବା ପରେ କଟକ ସହରର କଳେବର ବୃଦ୍ଧି ପାଇ ଆଜିର ସ୍ଥିତିରେ ଏହା ପହଞ୍ଚିଛି। ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମହାନଦୀ ଓ କାଠଯୋଡ଼ି ନଦୀ ଦୁଇଟି ଦ୍ୱାରା ଗଠିତ ଏକ ତ୍ରିକୋଣାକାର ଭୂମି ଉପରେ ଏହାର ସ୍ଥିତି। ବାମପଟେ ରହିଛି ମହାନଦୀ ଓ ଦକ୍ଷିଣ ପଟେ ରହିଛି କାଠଯୋଡ଼ି। ଏହାରି ମଧ୍ୟରେ ଏକ ଚଟକା କଡ଼େଇ ସଦୃଶ ରହିଛି କଟକ ସହର। ମଝିଅଂଶଟି ଖାଲୁଆଡ଼ଓ ନଦୀ ଶଯ୍ୟା ପର୍ଯ୍ୟନ୍ତ ଏହା କ୍ରମଶଃ ଉଚ୍ଚ ହୋଇ ହୋଇ ଯାଇଛି। ଏଥିଯୋଗୁଁ ବର୍ଷା ଦିନେ ଜଳ ନିଷ୍କାସନ ଏହାର ଏକ ପ୍ରଧାନ ସମସ୍ୟା। ମାତ୍ର ସହରବାସୀଙ୍କର ଏହି ଦୁଃଖ ଦୂର କରିବା ଲାଗି ଆଜିଯାଏ କଟକରେ କୌଣସି ନେତା ଜନ୍ମ ଗ୍ରହଣ ନକରିବା ହେଉଛି ଏକ ବିଡ଼ମ୍ବନା। କଟକର ନର୍ଦମା ଜଳ ମହାନଦୀ ଓ କାଠଯୋଡ଼ିକୁ ନିଷ୍କାସିତ ହୁଏ। ମାତ୍ର ବର୍ଷା ଦିନେ ଯେତେବେଳେ ଏହି ନଦୀ ଦୁଇଟି ବନ୍ୟା ଜଳରେ ପୂର୍ଣ୍ଣ ହୋଇଯାଏ, ସେତେବେଳେ କଟକବାସୀଙ୍କ ଦୁଃଖ କହିଲେ ନସରେ। ଏହି ସମସ୍ୟାକୁ ଦୂର କରିବା ପାଇଁ ଯେଉଁ ଯୋଜନାବଦ୍ଧ ଉଦ୍ୟମ ଓ ରାଜନୈତିକ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି, ଆମ ନିର୍ବାଚିତ ପ୍ରତିନିଧିମାନଙ୍କର ସେ ପ୍ରକାର ଉଦ୍ୟମ ନାହିଁ କି ଶକ୍ତି ମଧ ନାହିଁ। କେବଳ ବ୍ୟକ୍ତି ସ୍ୱାର୍ଥ ମଧ୍ୟରେ ଅଟକି ଯାଇଛି ଆମର ନେତୃତ୍ୱ। କଟକ ସହରରୁ ନର୍ଦ୍ଦମା ଜଳର ନିଷ୍କାସନ ପାଇଁ ଅନେକଗୁଡ଼ିଏ ଡ୍ରେନ୍ ନିର୍ମାଣ କରାଯାଇଛି। କାଠଯୋଡ଼ି, ମହାନଦୀ ଓ ତାଳଦଣ୍ଡା କେନାଲ ଭିତ୍ତିରେ ସେଗୁଡ଼ିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଏ। କଟକ ସହରରେ ରହିଥିବା ଦୁଇଟି ମୁଖ୍ୟ ଡ୍ରେନ୍ ମଧ୍ୟରୁ ଗୋଟିଏ ତୁଳସୀପୁରରୁ ଆରମ୍ଭ ହୋଇ ସୂତାହାଟ, ପଟ୍ଟାପୋଲ, ରାଉସାପାଟଣା, ବଜ୍ରକବାଟି ଓ ଛତ୍ରବଜାର ଦେଇ ମତ୍ତଗଜପୁରଠାରେ କାଠଯୋଡ଼ିରେ ମିଶିଛି। ସହରର ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ଶାଖା ଡ୍ରେନ ନିର୍ମାଣ କରାଯାଇ ଏହି ମୁଖ୍ୟ ଡ୍ରେନ୍ ସହିତ ସଂଯୁକ୍ତ ହୋଇଛି। ମହାନଦୀ ଓ କାଠଯୋଡ଼ି ମଧ୍ୟରେ ଥିବା ପୁରା ସହରର ଆବର୍ଜନା ଓ ବର୍ଷା ଜଳ ଏହି ଡ୍ରେନ୍ ଦେଇ ନିଷ୍କାସିତ ହୋଇଥାଏ। ଆଉ ଗୋଟିଏ ମୁଖ୍ୟ ଡ୍ରେନ୍ ଓଏମ୍‌ପି ଛକ ନିକଟରୁ ବାହାରି ବିଦ୍ୟାଧରପୁର ଓ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଦେଇ ଗୁଳୁଗୁଳି ଠାରେ ମହାନଦୀରେ ମିଶିଛି। ମହାନଦୀ ଓ ତାଳଦଣ୍ଡା କେନାଲର ବାମ ଭାଗରେ ଥିବା ଅଞ୍ଚଳଗୁଡ଼ିକର ଉଦ୍‌ବୃତ୍ତ ଜଳ ଏହି ଡ୍ରେନ୍ ମଧ୍ୟରେ ଯାଇ ମହାନଦୀକୁ ନିଷ୍କାସିତ ହୁଏ। ଏହି ଡ୍ରେନ୍ ଦୁଇଟି ବ୍ୟତୀତ କଟକ ବଡ଼ମେଡ଼ିକାଲ ଓ ଏହି ଅଞ୍ଚଳର ବର୍ଷା ସାଙ୍ଗକୁ ଆବର୍ଜନା ଜଳ ତାଳଦଣ୍ଡା କେନାଲକୁ ନିଷ୍କାସିତ ହୁଏ। କଲେଜଛକ ରୋଡ଼, କଟକ-ପାରାଦ୍ୱୀପ ରାସ୍ତା ଓ ତାଳଦଣ୍ଡା କେନାଲର ବାମ ପାର୍ଶ୍ୱରେ ଥିବା ଅଞ୍ଚଳଗୁଡ଼ିକର ଜଳ ମଧ ଏହି କେନାଲକୁ ନିଷ୍କାସିତ ହୁଏ। ଏ ସବୁ ସତ୍ତ୍ୱେ ବର୍ଷା ଦିନେ ଉଦ୍‌ବୃତ୍ତ ଜଳର ପରିମାଣ ଏତେ ଅଧିକ ହୁଏ ଯେ ସେଗୁଡ଼ିକର ନିଷ୍କାସନ ପାଇଁ ଏହି ଡ୍ରେନ୍ ଗୁଡ଼ିକ ପର୍ଯ୍ୟାପ୍ତ ହୁଏ ନାହିଁ। ତେଣୁ ନର୍ଦ୍ଦମା ଜଳ ସହିତ ବର୍ଷା ଜଳ ଏକାକାର ହୋଇ ନିମ୍ନାଞ୍ଚଳରେ ଥିବା ବାସଗୃହ ମାନଙ୍କରେ ପ୍ରବେଶ କରିନାହିଁ ନଥିବା ସମସ୍ୟା ସୃଷ୍ଟିକରେ। ଏ ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରିଂ ଏମଏଲଜେ ଯାଚକ ଅତୀତରେ ଯେଉଁ କେତେ ଗୁଡ଼ିଏ ପ୍ରସ୍ତାବ ଦେଇଥିଲେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସେ ତାଙ୍କର ପ୍ରଥମ ପ୍ରସ୍ତାବରେ ଡ୍ରେନଗୁଡ଼ିକରୁ ପ୍ରତିବନ୍ଧକ ହଟାଇବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଅବଶ୍ୟ ଏଥିଲାଗି ହାଇକୋର୍ଟଙ୍କ ତାଗିଦା ପରେ ଏ କ୍ଷେତ୍ରରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି। ଆଉ କେତେଗୁଡ଼ିଏ ସଂଯୋଗକାରୀ ଡ୍ରେନ୍ ନିର୍ମାଣ କରାଯିବା ସହିତ ମୁଖ୍ୟ ଡ୍ରେନ୍‌ଗୁଡ଼ିକ ଯେପରି ସର୍ବାଧିକ ଜଳ ନିଷ୍କାସନ କରିପାରିବେ, ସେଥିଲାଗି କାଠଯୋଡ଼ି, ମହାନଦୀ ଓ ତାଳଦଣ୍ଡା କେନାଲରେ ଆହୁରି କେତେଗୁଡ଼ିଏ ସ୍ଲୁଇସ୍ ନିର୍ମାଣ କରିବା ପାଇଁ ମଧ ସେ ପ୍ରସ୍ତାବ ଦେଇଛନ୍ତି। ନିମ୍ନ ଓ ଆବଦ୍ଧାଞ୍ଚଳରୁ ଜଳ ନିଷ୍କାସନ ପାଇଁ ପମ୍ପି ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଏ ସମସ୍ତ ପ୍ରସ୍ତାବ ସାଙ୍ଗକୁ ବନ୍ୟା ସମୟରେ ନଦୀ ଜଳସ୍ତର ଓ ବର୍ଷାଜଳର ସ୍ତର ସଂପର୍କରେ ଗଭୀର ଅନୁଶୀଳନ କରାଯାଇ ପଦକ୍ଷେପ ନିଆଯିବା ଆବଶ୍ୟକ। ଡ୍ରେନେଜ୍ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ଇଂଯାଚକ ଚାରୋଟି ପର୍ଯ୍ୟାୟର ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯିବା ସହିତ ରାଜାବଗିଚା ସୁଇପର କଲୋନି ନିକଟରେ ଗୋଟିଏ ସଂଯୋଗ ଡ୍ରେନ୍ ନିର୍ମାଣ କରାଯାଇ ଏହି ସ୍ଥାନରେ କାଠଯୋଡ଼ିକୁ ଜଳ ନିଷ୍କାସନ ପାଇଁ ପମ୍ପ ହାଉସ୍ ନିର୍ମାଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ସୂତାହାଟ ଠାରୁ ଛତ୍ରବଜାର ରେଲୱେ କ୍ରସିଂ ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ୍‌ର ପ୍ରାୟ ସାଢ଼େ ଚାରି କିମି ଅଂଶରପୁନର୍ବିନ୍ୟାସ ଓ ପୁନର୍ନିର୍ମାଣ କରାଯିବା ସହିତ ତୁଳସୀପୁର, ପଠାଣ ସାହି, ଇଦ୍‌ଗାଓ ହାଡ଼ଗାଡ଼ିଆ ଆଦି ଅଞ୍ଚଳର ଜଳରାଶିକୁ ନିକଟବର୍ତ୍ତୀ ନଦୀପମ୍ପ ଯୋଗେ ନିଷ୍କାସନ କରାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ତୃତୀୟ ପର୍ଯ୍ୟାୟରେ ଗୁଳୁଗୁଳି କାଳିଆବୁଦା ଓ ତାଳଦଣ୍ଡା କେନାଲର ସ୍ଲୁଇସ୍ ଗୁଡ଼ିକର ପୁନର୍ବିନ୍ୟାସ କରାଯିବା ଆବଶ୍ୟକ। ଚତୁର୍ଥରେ ଚୂଡ଼ାନ୍ତ ପର୍ଯ୍ୟାୟର ଜଳ ନିଷ୍କାସନ ପାଇଁ ମତ୍ତଗଜପୁର ଠାରେ ଥିବା ସ୍ଲୁଇସ୍ ଗେଟର ପୁନର୍ବିନ୍ୟାସ କରାଯାଇ ସୁଦୃଢ଼ ପମ୍ପିଂ ବ୍ୟବସ୍ଥାର ପ୍ରବର୍ତ୍ତନ କରାଯିବା ଆବଶ୍ୟକ। ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକୁ ଯଦି ସରକାର ଆନ୍ତରିକତାର ସହିତ କାର୍ଯ୍ୟକାରୀ କରନ୍ତେ ତେବେ କଟକ ସହର ଏହି ଆବର୍ଜନା ଜଳରୁ ମୁକ୍ତ ହୋଇପାରନ୍ତା।

**(ସୌଜନ୍ୟ: ଗୋପାଳ ଚରଣ ନାୟକ, ଗମାଣ୍ଡିଆ, ଫ୍ରେଣ୍ଡସ୍ କଲୋନୀ, କଟକ)**

## ଧ୍ୱନୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ



କଟକ (ପିଏନ୍): କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ କାଠଗୋଲା ରୋଡ଼ସ୍ଥିତ 'ଧ୍ୱନୀ' ଅନୁଷ୍ଠାନ ପକ୍ଷରୁ ଦିବସବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ରେଲୱେ ଇନ୍‌ଷ୍ଟିଚ୍ୟୁଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ପାଳିତ ହୋଇଯାଇଛି। 'ଧ୍ୱନୀ' ଅନୁଷ୍ଠାନର ପ୍ରତିଷ୍ଠାତା ମାର୍ଗଦର୍ଶକ ତଥା ବାକ୍‌ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଳବାଇ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଶେଖ ରହେମତୁଲ୍ଲା, ମୁଖ୍ୟବକ୍ତା ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସେକ୍ରେଟାରୀ ଗାର୍ଗୀ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବରେ ବିଶିଷ୍ଟ ସମାଜ ସେବୀ ସରୋଜ ଶତପଥି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଧ୍ୱନୀ ସ୍ପିଚ୍ ଥେରାପିଷ୍ଟ ବିଦ୍ୟାଳୟର ସ୍ପିଚ୍ ଥେରାପିଷ୍ଟ ଶୁଭଶ୍ରୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ଧ୍ୱନୀ ସ୍ପିଚ ଥେରାପୀ ବିଦ୍ୟାଳୟର ଅଧକ୍ଷା କାଞ୍ଚନବାଳା ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କୁନି କୁନି ଦିବ୍ୟାଙ୍ଗ ପିଲା ଓ ତାଙ୍କର ଅଭିଭାବକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ସହ ଉତ୍ସାହୀ ଅଭିଭାବକ ମାନଙ୍କୁ ମଧ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଏହାସହ ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନର ସ୍ପେଶାଲ ଏଜୁକେଟରମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଞ୍ଜୀବ ମହାନ୍ତି, ବିଜନ ରାଉତରାୟ, ଦେବେନ୍ଦ୍ର ବେହେରା, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ସବ୍ୟସାଚୀ ଷଡ଼ଙ୍ଗୀ, ଇଭା ନଳିନୀ ବିହାରୀ, ଅମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସେଠୀ, ଦେବୀପ୍ରଭା ରାୟ, ବୀଣାପାଣି ମଲ୍ଲିକ, ସସ୍ମିତା ଦାସ ପ୍ରମୁଖ। ପରିଶେଷରେ ସ୍ପିଚ୍ ଥେରାପିଷ୍ଟ ଶୁଭଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରଦୂଷଣ ନିବାରଣ ଦିବସ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ୨୦୧୯ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍‌ର ସଂପାଦକ ଆର ଏନ୍ ଦାଶ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ ଛାତ୍ରଛାତ୍ରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ପ୍ରଦୂଷଣ ନିବାରଣ ଦିଗରେ କାର୍ଯ୍ୟ କରିବା ଉଚିତ। ଯେଉଁଭଳି ଭାବେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି ସେଥିପାଇଁ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସେ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଜେ କେ ପେପର ୟୁନିଟ୍‌ର ମୁଖ୍ୟ ପ୍ରବନ୍ଧକ (କର୍ପୋରେଟ୍ ସାମାଜିକ ଦାୟିତ୍ୱ) ଡ. ପ୍ରଫୁଲ୍ଲ କୁମାର ଧଳ କହିଲେ, ବୃକ୍ଷରୋପଣ, ଜଳବାୟୁ ପରବର୍ତ୍ତନ ଓ ପ୍ରଦୂଷଣ ଦିନକୁ ଦିନ ଭୟାବହ ହୋଇପଡୁଛି। ଏଥି ନିମନ୍ତେ ସାଧାରଣ ନାଗରିକ ଏବଂ ଛାତ୍ରଛାତ୍ରୀମାନେ ସଚେତନ ହେବା ଆବଶ୍ୟକ। ବୋର୍ଡର ଆଞ୍ଚଳିକ ଅଧିକାରୀ ଡା. ବିନୋଦ ବିହାରୀ ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରି ପ୍ରଦୂଷଣ ନିବାରଣ ଦିବସର ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। ଏହା ସହ ଭୋପାଳ ଗ୍ୟାସ୍ ଦୁର୍ଘଟଣାର ଭୟବହତା, ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟର ଭୁବନେଶ୍ୱର, କଟକ, ଅନୁଗୋଳ, ତାଳଚେର, ରାଉରକେଲା ଓ ବାଲେଶ୍ୱରରେ ବାୟୁ ପ୍ରଦୂଷଣର ମାତ୍ରା ଅଧିକ ଥିବାରୁ ତାକୁ କମ୍ କରିବା ପାଇଁ ବିଭିନ୍ନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ରେବତୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଲାଇସେନ୍ସ, ଫିଟ୍‌ନେସ, ପଲ୍ୟୁସନ



ଆଲେଖ୍ୟର ଶିରୋନାମା ପାଠକ ମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ମାତ୍ର ବିଗତ କିଛିଦିନ ଧରି ପରିବହନ ବିଭାଗର ହଠାତ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇଛି। ପରିବହନ ବିଭାଗରେ ଯେଉଁ ପ୍ରକାର ଲାଞ୍ଚ, ମିଛ କାରବାର ବ୍ୟାପକ ଭାବେ ଚାଲି ଲୋକମାନଙ୍କ ଭବିଷ୍ୟତକୁ ବିପନ୍ନ କରାଯାଉଥିଲା ବର୍ତ୍ତମାନ କିଛିଟା ଲାଘବ ମିଳିଛି। ଦଲାଲମାନଙ୍କର ପ୍ରାଦୁର୍ଭାବରୁ ସାଧାରଣ ଜନତାଙ୍କୁ ଏକପ୍ରକାର ମୁକ୍ତି ମିଳିଛି। ସରକାରଙ୍କର ଏହି ବିଭାଗ ଗାଡି ଚଲାଇବା ପାଇଁ ବିଶେଷ ଭାବରେ ତିନୋଟି ବିଷୟ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ଯାହା ହେଲା—ଲାଇସେନ୍ସ, ଫିଟନେସ୍ ଓ ପଲ୍ୟୁସନ। ସରକାରଙ୍କର ଏହି ପଦକ୍ଷେପ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଏହାଫଳରେ ଏହି ବିଭାଗର ବଡବାବୁମାନଙ୍କର ଦଲାଲମାନଙ୍କ ସହ ମଧୁଚନ୍ଦ୍ରିକା ଉପରେ ଏକପ୍ରକାର କଳାବାଦଲ ଘୋଟିଯାଇଛି। ତଥାପି ଏତେ ଦିନର ସମ୍ପର୍କ ଏତେ ଶିଘ୍ର ଯେ ତୁଟିଯିବ ଏହାକୁ ସାଧାରଣ ଜନତା ହଜମ କରିପାରୁନାହାନ୍ତି। ଏ ନଗଣ୍ୟ ଲେଖକ ପ୍ରାତଃଭ୍ରମଣ ସମୟରେ ଅନେକ ବୁଦ୍ଧିଜୀବି ତଥା ବରିଷ୍ଠ ନାଗରିକଙ୍କ ସହ ବାର୍ତ୍ତାଳାପ ସମୟରେ ଉପରୋକ୍ତ ତିନୋଟି ବିଷୟ ଉପରେ ଆଲୋଚନା ସମୟରେ ହସି ହସି କହିଥିଲେ ବର୍ତ୍ତମାନ ଯେପରି ସରକାରଙ୍କ ପରିବହନ ବିଭାଗ ଲାଇସେନ୍ସ ପ୍ରଦାନ ସମୟରେ ବିଶେଷ ଦୃଷ୍ଟି ଦେଉଛନ୍ତି ଏବଂ ଗାଡି ଚାଳକ ପାଖରେ ଲାଇସେନ୍ସ ନଥିଲେ ସେ ଯେପରି ଅର୍ଥ ଦଣ୍ଡରେ ଦଣ୍ଡିତ ହେଉଛି ଠିକ୍ ସେହିପରି ଆମ ଜନପ୍ରତିନିଧି ଜନତା ବା ମତଦାତାଙ୍କ ଦ୍ୱାରା ଦେଶ ଚଳାଇବା ପାଇଁ ଲାଇସେନ୍ସ ପ୍ରାପ୍ତ ହେଉଛନ୍ତି। ମାତ୍ର ଆମର ମତଦାତା ଲାଇସେନ୍ସ ଦେବା ପୂର୍ବରୁ ସେମାନଙ୍କର ଫିଟନେସ୍ ଉପରେ ବିଶେଷ ଗୁରୁତ୍ୱ ନଦେଇ ଦଲାଲଙ୍କ ପରି କିଛି ଅର୍ଥ, ମଦ, ତଥା ଲୋଭର ବଶବର୍ତ୍ତୀ ହୋଇ ଯାଉଛନ୍ତି। ଫଳରେ ସେମାନେ ଅନ୍ୟାୟ ଉପରେ ଅନ୍ୟାୟ କରି ଚାଲିଥିଲେ ମଧ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେବାର ବିଧି ବ୍ୟବସ୍ଥା ନାହିଁ। ଯଦି ଜନପ୍ରତିନିଧିମାନଙ୍କ ଅନିୟମିତ କାର୍ଯ୍ୟ କରିବାର ପ୍ରମାଣ ମିଳେ ତେବେ ତୁରନ୍ତ ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଯଦି ଅର୍ଥଦଣ୍ଡର ବ୍ୟବସ୍ଥା ହୁଅନ୍ତା ତେବେ ଯାଇ ସମାଜରୁ ଦୁର୍ନୀତି ହଟିବା ସହ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହୁଅନ୍ତା। ଏହାସହିତ ଆଜିର ବିପନ୍ନ ଗଣତନ୍ତ୍ର ଏକ ବିକାଶୋନ୍ମୁଖୀ ଗଣତନ୍ତ୍ର ଭାବେ ପରିଗଣିତ ହେବା ସହ ନିଜର ରାଜ୍ୟକୁ ବିଶ୍ୱଦରବାରରେ ସ୍ଥାପିତ କରିପାରନ୍ତା। ଆଜି ଯେପରି ଗାଡିର ପଲ୍ୟୁସନ ତଦାରଖ କରି ନିୟନ୍ତ୍ରଣ ଆଣିବାପାଇଁ ଦଣ୍ଡ ବ୍ୟବସ୍ଥା କରାଯିବା ସହ ପ୍ରକୃତିର ଅପରୂପ କାନ୍ତିକୁ ବଞ୍ଚାଇବା ପାଇଁ ପ୍ରଚେଷ୍ଟା ଚାଲିଛି ଠିକ୍ ସେହିପରି ଆମ ନେତା ବା ଜନପ୍ରତିନିଧି ନିର୍ବାଚିତ ହେବାପରେ ସେମାନେ ଯେପରି ରାଜନୀତି କ୍ଷେତ୍ରକୁ ପଲ୍ୟୁଟେଡ (କଳୁଷିତ) ନକରନ୍ତି ସେମାନଙ୍କ ପାଇଁ ମଧ ଜରିମାନା ସହିତ ତାଙ୍କର ଲାଇସେନ୍ସ ରଦ୍ଦ କରାଯିବାର ନିୟମ ଯଦି ପ୍ରଣୟନ ହୁଅନ୍ତା ତେବେ ରାଜନୀତି କ୍ଷେତ୍ରକୁ ସଙ୍କୋଚ ବ୍ୟକ୍ତିବିଶେଷ ଦିନେ ଭୟ କରୁଥିଲା ବେଳେ ଏହି ନିୟମ ପ୍ରଣୟନ ପରେ ସେମାନେ ଏ କ୍ଷେତ୍ରକୁ ଆସିବା ସହ ଏକ ସୁସ୍ଥ ସମାଜର ସ୍ୱପ୍ନ ସାକାର ହୋଇପାରନ୍ତା। ତେଣୁ ଆଜିର ମତଦାତା ତଥା ଦେଶର ଭବିଷ୍ୟତ ପିଢୀ ସେମାନଙ୍କର ଜନପ୍ରତିନିଧି ଚୟନ କଲାବେଳେ ଯଦି ସେମାନଙ୍କ ଫିଟନେସ୍‌କୁ ଠିକ ଭାବରେ ବିଚାର କରି ସେମାନଙ୍କୁ ସେମାନଙ୍କର ନେତା ହେବାର ଲାଇସେନ୍ସ ପ୍ରଦାନ କରନ୍ତେ, ତେବେ ସମାଜରୁ ପଲ୍ୟୁସନ ଦୂରିଭୂତ ହେବାସହ ଏକ ସୁସ୍ଥ ସମାଜ ପ୍ରତିଷ୍ଠା ହୋଇପାରନ୍ତା ବୋଲି ଏ ଲେଖକର ମତ।

**ଉମାଶଙ୍କର ପ୍ରସାଦ**, ସ୍ତମ୍ଭକାର ତଥା ସାମ୍ବାଦିକ, ଖୋରଧା, ମୋ: ୬୩୭୦୬୭୫୫୬୨

# କର୍ମ ନିଯୁକ୍ତିର ନିକିତି



ଭୁବନେଶ୍ୱର (ପିଏନ୍): ଆଉ ମାତ୍ର କିଛି ବର୍ଷ ମଧ୍ୟରେ ଭାରତ ଯୁବବର୍ଗଙ୍କ ଦେଶ ହେବାକୁ ଯାଉଛି ବୋଲି କହିବାବେଳେ ଆମ ନେତାମାନଙ୍କ ଛାତି କୁଣ୍ଢେମୋଟ ହୋଇଯାଉଛି। କିନ୍ତୁ ସେମାନଙ୍କର ମନେରଖିବା ଉଚିତ ଯେ ଯୁବବର୍ଗ ଅର୍ଥାତ୍ ଶକ୍ତି ଓ ସାମର୍ଥ୍ୟର ବର୍ଗଙ୍କ ହାତକୁ ଯଦି କାମ ନ ମିଳେ, ତାହେଲେ ସେମାନେ ଦେଶ ପାଇଁ ବୋଝ ପାଲଟି ଯିବେ। ତେଣୁ ଯୁବ ବର୍ଗଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଯେ କୌଣସି ସରକାରଙ୍କ ଯୋଜନାରେ ପ୍ରାଥମିକତା ପାଇବା ଉଚିତ। ଆମ ଦେଶର କର୍ମ ଶକ୍ତିରେ ପ୍ରତିବର୍ଷ ୧୦ରୁ ୧୨ ମିଲିଅନ୍ ଯୁବକ ଯୁବତୀ ଯୋଗ ଦେଉଛନ୍ତି। ଏମାନଙ୍କ ସମସ୍ତଙ୍କ ହାତକୁ କାମ ଯୋଗାଇ ଦେବା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମ୍ଭବପର ହୋଇନାହିଁ। ଏତିକି ବେଳେ ଅନ୍ୟ ଏକ ତଥ୍ୟ ପ୍ରଦାନ କରିଛି ସିଆଇଆଇ। ନିକଟରେ ଏହି ସଂସ୍ଥା ତାର ରିପୋର୍ଟରେ ଉଲ୍ଲେଖ କରିଛି ଯେ ଉପରୋକ୍ତ ସଂଖ୍ୟକ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ସହିତ କୃଷି କ୍ଷେତ୍ର ଛାଡ଼ି ଉତ୍ପାଦନକ୍ଷମ କଳକାରଖାନା ଓ ସେବା କ୍ଷେତ୍ରରେ ଯୋଗ ଦେବା ପାଇଁ ପଳାଇ ଆସୁଥିବା ଆହୁରି ୫ରୁ ୮ ମିଲିଅନ ଲୋକଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିବା ପାଇଁ ଚାକିରିର ଆବଶ୍ୟକତା ରହିଛି। ଅର୍ଥାତ୍ ଉପରୋକ୍ତ ଦୁଇଟି ଯାକ ସଂଖ୍ୟାକୁ ଯଦି ମିଶାଇ ଦେଖାଯାଏ, ତାହାଲେ ସମଗ୍ର ଦେଶରେ ପ୍ରତି ବର୍ଷ ସର୍ବାଧିକ ୨୦ ମିଲିଅନ ନୂଆ ଚାକିରି ବା କର୍ମ ନିଯୁକ୍ତିର ଆବଶ୍ୟକତା ରହିଛି। କିନ୍ତୁ ଆନୁଷ୍ଠାନିକ ଅର୍ଥନୀତିର ଦୁଇଗୋଟି ପ୍ରମୁଖ ଅଙ୍ଗ ଭାବରେ ବିବେଚିତ ସେବା ଏବଂ ଶିଳ୍ପ କ୍ଷେତ୍ର ଏକାଠି ମିଶି ଖୁବ୍ ବେଶୀରେ ଗତ ବର୍ଷ ୧.୫ ଲକ୍ଷ ନୂଆ ଚାକିରି ସୃଷ୍ଟି କରିପାରିଛନ୍ତି। ପୁଣି ଏଥି ମଧ୍ୟରେ ହେଭି ଇଣ୍ଡଷ୍ଟ୍ରି ବା ଭାରୀଶିଳ୍ପ ଏବଂ ସଫ୍ଟୱେର କମ୍ପାନୀମାନେ ଅନ୍ତର୍ଭୁକ୍ତ। ଏହା ସାଂପ୍ରତିକ ସ୍ଥିତିର ସମ୍ପୂର୍ଣ୍ଣ ବୀପରିତ ନୁହେଁ କି? ୧୯୭୦ରୁ ୯୦ ଦଶକ ମଧ୍ୟରେ ଶ୍ରମ ଶକ୍ତିର ବିନିଯୋଗ କ୍ଷେତ୍ରରେ ଦେଶର ଅବସ୍ଥା ବର୍ତ୍ତମାନର ଅବସ୍ଥାଠାରୁ ଯଥେଷ୍ଟ ଭଲ ଥିଲା। ଏହି ସମୟରେ କେବଳ ଭାରତ ନୁହେଁ ଏସିଆ ମହାଦେଶର ଅନେକ ରାଷ୍ଟ୍ରରେ ଉତ୍ପାଦନ କ୍ଷେତ୍ର ଅତ୍ୟନ୍ତ ଉତ୍ତମ ଅବସ୍ଥାରେ ରହିଥିଲା ଯେଉଁଥିପାଇଁ ଏହି ମହାଦେଶର ବହୁ ରାଷ୍ଟ୍ର ଦାରିଦ୍ର୍ୟ କବଳରୁ ଉଦ୍ଧାର ପାଇ ପାରିଥିଲେ। ଏଥିପାଇଁ ସେ ସମୟରେ କାର୍ଯ୍ୟକାରୀ ହେଉଥିବା ଶ୍ରମ ଓ ଜମିଜମା ଆଇନକୁ ଶ୍ରେୟ ଦିଆଯାଇପାରେ, କାରଣ ଏହା ଅତ୍ୟନ୍ତ ଲୋକପ୍ରିୟ ଥିଲା। ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ପୂର୍ବରୁ ଅଧିକାଂଶ ବିକଶିତ ଅର୍ଥନୀତି ଉତ୍ପାଦନ କର୍ମ ନିଯୁକ୍ତି ସେମାନଙ୍କ କର୍ମ ଶକ୍ତିର ୨୫ ପ୍ରତିଶତରେ ପହଞ୍ଚି ଯାଇଥିବା ଦେଖୁଥିଲେ। ଏହା ସତ୍ତ୍ୱେ ଭାରତର ଉତ୍ପାଦନ କର୍ମ ନିଯୁକ୍ତି କିନ୍ତୁ କେବେହେଲେ ୧୫ ପ୍ରତିଶତରୁ ଉପରକୁ ଯାଇନାହିଁ। ଦୁଃଖର ବିଷୟ, ଏବେ ଏହା ୧୨ ପ୍ରତିଶତରେ ରହିଥିବାବେଳେ ଅବନତିର ପଥକୁ ଅପଣାଇ ନେଇଛି। ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ଉତ୍ପାଦନ କ୍ଷେତ୍ରର କର୍ମ ନିଯୁକ୍ତି ବେଶ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ସ୍ୱଳ୍ପ ଦକ୍ଷତାସମ୍ପନ୍ନ କୃଷି ଶ୍ରମିକମାନଙ୍କୁ ଗ୍ରହଣ କରି ନେଇଥାଏ ଏବଂ ଦକ୍ଷତା ଆହରଣ କରି ସେବା କ୍ଷେତ୍ରରେ ପ୍ରବେଶ କରିବା ନିମନ୍ତେ ପର ପିଢ଼ିର ଲୋକମାନଙ୍କ ପାଇଁ ଏକ ପ୍ରୋତ୍ସାହନ ରୂପେ କାର୍ଯ୍ୟ କରିଥାଏ। ପ୍ରତ୍ୟେକ ସରକାର କିଛି କିଛି ସମାଧାନର ପନ୍ଥା ସହିତ ଏହାର ଅର୍ଥାତ୍ ଉତ୍ପାଦନ କ୍ଷେତ୍ରରେ ରହିଥିବା ସମସ୍ୟାର ନିରାକରଣ କରିବାକୁ ଆଗ୍ରହ ପ୍ରଦର୍ଶନ କରି ଆସିଛନ୍ତି ବର୍ତ୍ତମାନର ସରକାରଙ୍କ ଭଳି ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି। କିନ୍ତୁ ଉପରଠାଉରିଆ ମନୋଭାବ ଯୋଗୁଁ ସମସ୍ୟାର ସମାଧାନ ହୋଇପାରି ନାହିଁ। ସଂପ୍ରତି ଉତ୍ପାଦନ କ୍ଷେତ୍ରର ହାତ ବାନ୍ଧି ଦେଇଥିବା ସାଂଗଠନିକ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ଡିଜିଟାଇଜେସନ୍‌କୁ କେନ୍ଦ୍ର କରି ଭବିଷ୍ୟତର ଏକ ଅର୍ଥନୀତିକ ମଡ଼େଲ ତିଆରି କରିବା ପାଇଁ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଉଥିବା ଯୋଗୁଁ ବିଜେପି ସରକାର ଅବଶ୍ୟ ପ୍ରଶଂସାର ପାତ୍ର। ତେବେ ମାଂସ ଶିଳ୍ପ ଭଳି କେତେକ ଶିଳ୍ପ ପ୍ରତି ଏହି ସରକାରଙ୍କ ଅସହିଷ୍ଣୁ ମନୋଭାବ ଇପ୍‌ସିତ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବ। କେନ୍ଦ୍ର ସରକାର ବୁଝିବା ଉଚିତ ଯେ କର୍ମ ନିଯୁକ୍ତି ହେଉଛି ଦେଶ ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ। ତେଣୁ ଯେ କୌଣସି ନୀତି ତିଆରି ହେଉ ନା କାହିଁକି, ସବୁ ନୀତିର ସଫଳତା କର୍ମ ନିଯୁକ୍ତିର ନିକିତିରେ ହିଁ ତଉଲା ଯିବ।

**(ସୌଜନ୍ୟ: ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୪୩୭୧୨୪୫୭୨)**

## ଶହୀଦ ଦିବାକରଙ୍କ ୧୦୯ତମ ଜୟନ୍ତୀ ଅନୁଷ୍ଠିତ



ଖୋର୍ଦ୍ଧା (ପିଏନ୍)- ଦୁଃଖ, ଯନ୍ତ୍ରଣା ଓ ସଂଘର୍ଷରୁ ବିପ୍ଳବୀ ଜନ୍ମନିଅନ୍ତି। ସେଇଭଳି ଜଣେ ବିପ୍ଳବୀ ଥିଲେ ଶହୀଦ ଦିବାକର ପରିଡ଼ା। ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ସାଜି ଏକଦା ସେ ପ୍ରବଳ ପ୍ରତାପୀ ଇଂରେଜ ସରକାରକୁ ଥରାଇଦେଇଥିଲେ। ଶହୀଦ ଦିବାକର ପରିଡ଼ାଙ୍କ ୧୦୯ତମ ଜୟନ୍ତୀ ଅବସରରେ ରଣପୁର ପ୍ରଜାଆନ୍ଦୋଳନକୁ ବିଶ୍ୱଇତିହାସର ପ୍ରମୁଖ ଘଟଣା ଭାବେ ମତପ୍ରକାଶ ପାଇଛି। ଶହୀଦ ରଘୁ-ଦିବାକର ରାଜ୍ୟସ୍ତରୀୟ ସ୍ମୃତି କମିଟି ଆନୁକୁଲ୍ୟରେ ସ୍ଥାନୀୟ ଡି.ଏ.ଭି. ପ୍ଲବିକ୍ ସ୍କୁଲରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଂସ୍କୃତିକ ସୁରକ୍ଷା ସାମ୍ମୁଖ୍ୟର ଆବାହକ ପ୍ରବୀର ମହାନ୍ତି ଯୋଗଦେଇ କହିଥିଲେ ଯେ, ଇତିହାସ ବର୍ତମାନକୁ ପ୍ରେରଣା ଦିଏ, ଅନ୍ୟାୟ, ଅନୀତି ବିରୋଧରେ ସଂଗ୍ରାମ କରିବାକୁ ପ୍ରେରିତ କରେ। ଉତ୍ସବର ମୁଖ୍ୟବକ୍ତା ପ୍ରାଣନାଥ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ମନୋଜ କୁମାର ରାଉତ ରଣପୁର ପ୍ରଜା ଆନ୍ଦୋଳନ ଓ ସେଥିରେ ଶହୀଦ ରଘୁ-ଦିବାକରଙ୍କ ଭୂମିକା ସଂପର୍କରେ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ରଚିତ ଶହୀଦ ରଘୁ-ଦିବାକର, ରଣପୁର ବିଦ୍ରୋହ, ରଣପୁର ଇତିହାସ ଆଦି ପୁସ୍ତକକୁ ଆଧାର କରି ଅନେକ ପିଏଚ୍‌ଡି ପାଇଥିବାବେଳେ ଏହାକୁ ବିଶ୍ୱଇତିହାସରେ ସ୍ଥାନ ଦେବା ଆବଶ୍ୟକ ବୋଲି ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ କାଳିଚରଣ ଜୟସିଂହ, ବିଶିଷ୍ଟ ନାଟ୍ୟକାର ଡା. ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶହୀଦ ଦିବାକରଙ୍କ ସାହସ ଓ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ। ଶହୀଦ ରଘୁ-ଦିବାକର ସ୍ମୃତି କମିଟିର ସଂପାଦକ ଗୌରାଙ୍ଗ ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍ମୃତି କମିଟିର ଉପ-ସଭାପତି ଜାମିନୀକାନ୍ତ ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁପ୍ରିୟା ଚହଟରାୟ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଯୁବ ସମାଜସେବୀ ଦେବାଶିଷ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶହୀଦ ଦିବାକର ପରିଡ଼ାଙ୍କ ଭଣଜା ପର୍ଶୁରାମ ବଳିଆରସିଂହ, ଭାଣିଜୀ ସୌଦାମିନୀ ପାଇକରାୟ, ସମରେଶ ପାଇକରାୟ, ଡିଏଭି ସ୍କୁଲର ଅଧ୍ୟକ୍ଷା ଦୀପ୍ତିମୟୀ ମହାନ୍ତି, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ରାମଶଙ୍କର, ଡ.ବୃନ୍ଦାବନ ପଣ୍ଡା, ଜ୍ଞାନରଂଜନ ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୈକୁଣ୍ଠନାଥ ରାଜଗୁରୁ, ଡ. ସୁରେଶ ଛୋଟରାୟ ପ୍ରମୁଖ ତାଂକର ସ୍ମୃତିଚାରଣ କରିଥିଲେ। କବି ଗୋବିନ୍ଦ ମହାରଣାଙ୍କ ସଂଯୋଜନାରେ ଶହୀଦ ଦିବାକରଙ୍କ ସଂପର୍କିତ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ପରିଚାଳନାରେ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ, ଇତିଶ୍ରୀ ସାହୁ, ବଳରାମ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କ.ନୁଆଗାଁ, ବଣ୍ଡଗୁଡ଼ା ଠାରେ ଗୁଣାତ୍ମକ ବିହନ ସଂଗ୍ରହ ତାଲିମ୍ ଶିବିର ଅନୁଷ୍ଠିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବଣ୍ଡଗୁଡ଼ା ଗ୍ରାମ ପଂଚାୟତ ବୈଠକ ଗୃହଠାରେ ବିହନ ପରିଚାଳନା ଶୀର୍ଷକ ଏକ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଓଡ଼ିଶା ସରକାର ଓ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣ୍ଡଗୁଡ଼ା, ସାରଙ୍ଗଡ଼, ଜିରିଡିକିଆ ଗ୍ରାମ ପଂଚାୟତର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗଦେଇ ନିଜର ଧାନ ବିହନକୁ କିପରି ସାଧାରଣ ଜ୍ଞାନ କୌଶଳ ମାଧ୍ୟମରେ ବିଶୋଧନ କରି ବ୍ୟବହାର କରିପାରିବ ସେ ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟଅତିଥି କ.ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା ଆଗ୍ରହର ସହ ବିଭିନ୍ନ ଜ୍ଞାନ କୌଶଳ ବ୍ୟବହାର କରି ଅଧିକ ଅମଳ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ସ୍ଥାନୀୟ ନାଏବ ସରପଂଚ ଜୀବେଶ୍ୱର ପ୍ରଧାନ ଓ ପୂର୍ବତନ ସରପଂଚ ଲାମ୍ବୁରା ପ୍ରଧାନ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ଆଶିଷ କୁମାର ମହାପାତ୍ର ବିହନ ସଂଗ୍ରହର ଉପାୟ ଓ ବିଶୋଧନର ସାଧାରଣ ପ୍ରକ୍ରିୟା ବିଷୟରେ ତାଲିମ୍ ଓ ପ୍ରଦର୍ଶନ ମାଧ୍ୟମରେ ଚାଷୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ସାରଙ୍ଗଡ଼ ଓ ବଣ୍ଡଗୁଡ଼ା ପଂଚାୟତର ଟ୍ରାଏକଟ ଓ କ୍ଲଷ୍ଟର ଡେମୋନ୍ଷ୍ଟ୍ରେସନ୍‌ର କ୍ଷେତ୍ର ପରିଦର୍ଶନ କରାଯିବା ସହ ବିହନ ବିଶୋଧନର ପ୍ରକ୍ରିୟା ପ୍ରଦର୍ଶନ କରାଯାଇ ତାଲିମ୍ ପ୍ରଦାନ କରାଯାଇଥିଲା । ସ୍ୱାତୀର କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମ୍ପାଦକ ଇଂ. ହରିଶଙ୍କର ରାଉତ ଚାଷୀମାନଙ୍କୁ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ ଯୁବପିଢ଼ିମାନଙ୍କୁ ଆଗକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାତୀର କର୍ମୀ ଦେବରାଜ ପ୍ରଧାନ ଓ ପ୍ରଭାତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ହିଂସାମୁକ୍ତ ସମୃଦ୍ଧ ଓଡ଼ିଶା ପାଇଁ ନିଶା ନିବାରଣ ଜରୁରୀ: ମଦମୁକ୍ତି ଅଭିଯାନ

ଭୁବନେଶ୍ୱର, (ପିଏନ) : ହିଂସା ସହିତ ନିଶା ଜଡ଼ିତ । ନିଶା ନିବାରିତ ନ ହେଲେ ହିଂସା କମିବ ନାହିଁ । ଏ ପରିପ୍ରେକ୍ଷୀରେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ଓଡ଼ିଶା ମଦମୁକ୍ତି ଅଭିଯାନ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦାବି କରିଛି । ଓଡ଼ିଶା ମଦମୁକ୍ତି ଅଭିଯାନର ଆବାହିକା ପ୍ରମିଳା ସ୍ୱାଇଁ ଓ ଉପଦେଷ୍ଟା ପ୍ରହଲାଦ କୁମାର ସିଂହ ଏ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀ ଓ କସ୍ତୁରବାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବା ଅବସରରେ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦିଆଗଲେ ତାହା ଉକ୍ତ ପ୍ରତିପାଳନର ସର୍ବୋକୃଷ୍ଟ ସ୍ମାରକୀ ହୋଇ ରହିବ ବୋଲି ସେମାନେ କହିଛନ୍ତି । ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ପ୍ରଥମେ ନିଜ ରାଜ୍ୟରେ ପ୍ରଚଳନ କରି ଦେଶ ନିକଟରେ ଆଦର୍ଶ ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଦେଇ ହିଂସା ଓ ନିଶାମୁକ୍ତ ଓଡ଼ିଶା ଗଠନରେ ରାଜ୍ୟ ପ୍ରଶାସନ ବ୍ରତି ହୋଇ ଅନ୍ତତଃପକ୍ଷେ ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବା ଉଚିତ୍ ହେବ ବୋଲି ସେମାନେ କହିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ନାରୀ ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ନିଶାଗ୍ରସ୍ତ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଏଥିରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁନାହିଁ । ନାରୀ ଓ ଶିଶୁ ନିର୍ଯାତନା ବିଶେଷ କରି ବଢ଼ି ଚାଲିଥିବା ନିନ୍ଦନୀୟ ଦୁଷ୍କର୍ମ ଘଟଣା ପଛରେ ନିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିଶା ଯୋଗୁ ସଡ଼କ ଦୁର୍ଘଟଣା, ରୋଗବ୍ୟାଧି ଆଦି ମଧ୍ୟ ବଢୁଛି । ରାଜ୍ୟ ସରକାର ଗତ ୨୫ ବର୍ଷ ମଧ୍ୟରେ ବାର୍ଷିକ ଅବକାରୀ ରାଜସ୍ୱ ୭୦ କୋଟି ଟଙ୍କାରୁ ୩୧୩୨ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇଲେଣି । ତେବେ ଏଥିଯୋଗୁ ବ୍ୟକ୍ତି, ସମାଜ, ପରିବାର ଓ ରାଜ୍ୟର ବାର୍ଷିକ କ୍ଷତିର ପରିମାଣ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହେଉଛି । ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ପଛରେ ବି ନିଶା ରହିଛି । ଏ ପରିପ୍ରେକ୍ଷୀରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଶା ନିବାରଣ ଏକାନ୍ତ ଜରୁରୀ । ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଧାନସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ନିଶା ନିବାରଣ ଆଇନକୁ ସଂଶୋଧନ ସହ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ନିଶା ନିବାରଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ଘୋଷଣା କରିବା ପାଇଁ ମଧ୍ୟ ଓଡ଼ିଶା ମଦମୁକ୍ତି ଅଭିଯାନ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି । ୨୦୧୩ ଏପ୍ରିଲ୍ ମାସରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ରାଜ୍ୟ ଯୁବ ନୀତିରେ ନିଶା କିଭଳି ଯୁବ ସମାଜକୁ ବିପଦଗାମୀ କରୁଛି ସେଥିନେଇ ଉଦ୍‌ବେଗ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି ଓଡ଼ିଶା ସରକାର ଘୋଷଣା କରିଥିଲେ । ତେବେ ୬ ବର୍ଷ ମଧ୍ୟରେ ସରକାର ଗୋଟିଏ ହେଲେ ଗାଁକୁ ନିଶାମୁକ୍ତ କରିପାରିନଥିବା ବେଳେ ନିଶା ପ୍ରସାରଣ କରି ଅଧିକରୁ ଅଧିକ ସଂଖ୍ୟକ ଯୁବକ ଓ ପରିବାରଙ୍କ ବରବାଦର କାରଣ ହୋଇଛନ୍ତି ବୋଲି ମଦମୁକ୍ତି ଅଭିଯାନ ଦର୍ଶାଇବା ସଙ୍ଗେ ସଙ୍ଗେ ଏ ପ୍ରସଙ୍ଗରେ ରାଜ୍ୟ ସରକାର ବିଶେଷ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ଯୁବନୀତିରେ କରିଥିବା ଘୋଷଣାର ପ୍ରତିପାଳନ କରିବାକୁ ଶ୍ରୀ ସିଂହ ନିବେଦନ କରିଛନ୍ତି ।

# ନୂତନ ମୋଟର ଯାନ ଆଇନ୍ ପ୍ରତ୍ୟାହାର ଦାବିରେ ପରିବହନ ଶ୍ରମିକ ଓ ସିଟୁର ବିକ୍ଷୋଭ

ଭଦ୍ରକ,(ପିଏନ)- ସମଗ୍ର ଦେଶର ଜନସାଧାରଣଙ୍କ ଜୀବନ ଜୀବିକା ଉପରେ ଚଡକ ପକାଇ କର୍ପୋରେଟ୍ କଂପାନୀକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପରିବହନ କ୍ଷେତ୍ରରେ ଥିବା ଭିତିଭୂମି ତୃଟିକୁ ନସୁଧାରି ଯେଭଳି ନୂତନ ମୋଟର ଯାନ ଆଇନ୍ ପ୍ରଣୟନ କରିଛନ୍ତି, ତାହା ବିରୁଦ୍ଧରେ ଆଜି ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବହନ ଶ୍ରମିକ ଓ ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭଦ୍ରକ ଜିଲାର ପରିବହନ ଶ୍ରମିକମାନେ ଆଜି ସିଟୁର ବିଶିଷ୍ଟ ଶ୍ରମିକ ନେତା ଦିବ୍ୟସିଂ ନାୟକଙ୍କ ନେତୃତ୍ୱରେ ନିରଂଜନ ପାଣି, ରାଧା ଦାସ, ପ୍ରଭାସ ମହାପାତ୍ର, ମଳୟ ଭୋଇ, ବିଷ୍ଣୁ ଦାସ, ନରେନ୍ଦ୍ର ଦାସ, ବାବୁ ଖାଁ, ରବିନ୍ଦ୍ର ଜେନା, ବିପିନ ପାତ୍ର, ବାବୁଲି ସିଂ, ତାଲୁ ଖାଁ, କାଳନ୍ଦୀ ପାତ୍ର, ମଙ୍ଗୁ ମଲ୍ଲିକ, ସେକ୍ ଅବଦୁଲ ରହେମାନ, ପ୍ରତାପ ସେଠୀ, ବିଷ୍ଣୁ ଦାଶ, ସେକ୍ କମର, ମମତା ଜେନା, ସୀତା ଦାସ ପ୍ରମୁଖ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହାପରେ ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଏକ ପ୍ରତିବାଦ ସଭାରେ ଯୋଗ ଦେଇଥିଲେ । ଏହି ସଭାରେ ଉପରୋକ୍ତ ଶ୍ରମିକ ନେତାମାନେ ବକ୍ତବ୍ୟ ରଖି କେନ୍ଦ୍ର ସରକାର ରାସ୍ତାଘାଟ, ଟ୍ରାଫିକ୍ ସମସ୍ୟା ଓ ଆରଟିଓ ଅଫିସ୍‌ର ସୁଧାର ନକରି ଏକତରଫା ଭାବେ ଯେଭଳି ଗାଡି ମାଲିକ, ଚାଳକ, କଣ୍ଡକ୍ଟର, ହେଲପର, ମେକାନିକ୍ ଓ ଗ୍ୟାରେଜ୍ ଶ୍ରମିକଙ୍କ ଠାରୁ ଆରମ୍ଭ କରି ସାଧାରଣ ମଣିଷଙ୍କ ଉପରେ ଅହେତୁକ କର, ଖଜଣା ଓ ଅର୍ଥଦଣ୍ଡ ବୃଦ୍ଧି କଲେ ତାହାକୁ ତୀବ୍ର ସମାଲୋଚନା କରିଥିଲେ । ୨୦୧୯ ସେପ୍ଟେମ୍ବର ୧ ତାରିଖ ଠାରୁ କେନ୍ଦ୍ର ସରକାର ଆରମ୍ଭ କରିଥିବା ନୂତନ ମୋଟର ଯାନ ସଂଶୋଧନ ଆଇନ୍‌କୁ ଲୋକଙ୍କ ଉପରେ ଯେଭଳି ଭାବେ ଲଦି ଦେଲେ ତାର ପ୍ରତିବାଦରେ ୧୮ଟି ରାଜ୍ୟ ସରକାର ତାହା ଲାଗୁ କରିନଥିବାବେଳେ ଓଡ଼ିଶା ସରକାର ଜିଜିଆ କର ଭଳି ଲୋକଙ୍କ ଉପରେ ଲଦିଦେବା ବୋଝ ଉପରେ ନଳିତା ବିଡା ସଦୃଶ ବୋଲି ବକ୍ତାମାନେ କହିଥିଲେ । ଏହାର ପ୍ରତିବାଦରେ ଭୁବନେଶ୍ୱରର ପ୍ରତିବାଦ ସଭା ପରେ ଆଜି ଜିଲାର ପରିବହନ ଶ୍ରମିକ ଓ ସିଟୁ ପକ୍ଷରୁ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଦୁଇଟି ଦାବିପତ୍ର ମାନ୍ୟବର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଉକ୍ତ ଜନବିରୋଧୀ ମୋଟର ଯାନ ସଂଶୋଧନ ଆଇନ୍ ୨୦୧୯ ପ୍ରତ୍ୟାହାର ଦାବିରେ ପ୍ରଦାନ କରାଯାଇଥିଲା ।

# ନାଲ୍‌କୋରେ ହିନ୍ଦୀ ପକ୍ଷ ପାଳିତ



ଭୁବନେଶ୍ୱର, (ପିଏନ) : ନବରତ୍ନ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍‌ର ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଓ ୟୁନିଟ୍‌ଗୁଡ଼ିକରେ ସେପ୍ଟେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ ପାଳିତ ହୋଇଥିଲା । କର୍ମଚାରୀମାନଙ୍କ ମଧ୍ୟରେ ଦୈନନ୍ଦିକ କାର୍ଯ୍ୟରେ ହିନ୍ଦୀ ଭାଷାର ଉପଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ଏହି ଅବସରରେ, ହିନ୍ଦୀ ପ୍ରବନ୍ଧ ଲିଖନ, ବକ୍ତୃତା, ନୋଟିଂ ଓ ପ୍ରଶ୍ନୋତ୍ତରୀ ଆଦି ପ୍ରତିଯୋଗୀତା ପୃଥକ୍ ଭାବେ ଉଭୟ ହିନ୍ଦୀଭାଷୀ ଓ ଅଣହିନ୍ଦୀଭାଷୀ କର୍ମଚାରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା । ଏଥି ସହିତ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଉପରେ ପୋଷ୍ଟର୍ ଓ ଗଳ୍ପଲିଖନ ଆଦି ପ୍ରତିଯୋଗୀତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା ।

ହିନ୍ଦୀପକ୍ଷର ଉଦ୍‌ଯାପନ ସମାରୋହରେ ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗୀତାର ବିଜେତାମାନଙ୍କୁ ପୁରସ୍କୃତ କରିବା ସହ ସ୍ୱର୍ଗତ ଶଙ୍କର ଦୟାଲ ସିଂ ସ୍ମୃତି ପୁରସ୍କାର ପ୍ରଦାନ କରିଥିଲେ ।

ଏହି ଅବସରରେ, କେନ୍ଦ୍ର ସାଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ହିନ୍ଦୀଦିବସ ବାର୍ତ୍ତା ମଧ୍ୟ ପାଠ କରାଯାଇଥିଲା ।

ନିଜର ଅଭିଭାଷଣରେ ଡଃ ଚାନ୍ଦ କହିଲେ ଯେ ନାଲ୍‌କୋ ଦ୍ୱାରା ଉତ୍ପାଦିତ ଆଲୁମିନିୟମ୍ ଇନ୍‌ଗଟ୍‌ରେ କମ୍ପାନୀର ନାମ ଉଭୟ ହିନ୍ଦୀ ଓ ଇଂରାଜୀରେ ଖୋଦିତ ହେଉଛି ଯାହା କି ୨୬ଟି ଦେଶକୁ ରପ୍ତାନୀ କରାଯାଉଛି । ଏହା ଦ୍ୱାରା ବିଶ୍ୱସ୍ତରୀୟ ଆଲୁମିନିୟମ୍ ଉତ୍ପାଦ ସହ ସମଗ୍ର ବିଶ୍ୱରେ ହିନ୍ଦୀ ଭାଷାର ପ୍ରସାର ଦିଗରେ ମଧ୍ୟ ନାଲ୍‌କୋ ଭୂମିକା ଗ୍ରହଣ କରୁଛି । ପ୍ରଶିକ୍ଷଣ, ପ୍ରୋତ୍ସାହନ, ପ୍ରତିଯୋଗୀତା ଓ ପୁରସ୍କାର ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ଆଗେଇ ନେବା ପାଇଁ ନାଲ୍‌କୋ ପକ୍ଷରୁ ନିରନ୍ତର ଉଦ୍ୟମ କରାଯାଉଛି ବୋଲି ଡଃ ଚାନ୍ଦ ଉଲ୍ଲେଖ କରିବା ସହ ସରଳ ହିନ୍ଦୀର ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ ଯଦ୍ୱାରା କି ସାଧାରଣ କର୍ମଚାରୀମାନେ ସହଜରେ ହିନ୍ଦୀରେ କାମ କରିପାରିବେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଦେଶକ (ମାନବସମ୍ବଳ) ଶ୍ରୀ ବି.କେ. ଠାକୁର ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ ହିନ୍ଦୀ ପକ୍ଷ ଅବସରରେ ନାଲ୍‌କୋର ୟୁନିଟ୍‌ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଦାମନଯୋଡ଼ିଠାରେ ଏକ ହିନ୍ଦୀ ହାସ୍ୟ କବି ସମ୍ମେଳନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।



ଆଜି ଜମାତ୍-ଏ-ଇସ୍‌ଲାମି ହିନ୍ଦ୍ , ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱରର ରୋଟାରୀ କ୍ଲବ୍‌ଠାରେ ଜମାତ୍-ଏ-ଇସ୍‌ଲାମି ହିନ୍ଦ୍‌ର ସଭାପତି ଶ୍ରୀଯୁକ୍ତ ସଫଦର୍ ହାସିମ୍‌ଙ୍କ ସଭାପତିତ୍ୱରେ ଆୟୋଜିତ "ମୁଲ୍କ୍ କେ ମୌଜୁଦା ହାଲାତ୍ ଔର୍ ମୁସଲମାନ୍ କି ଜିମ୍ମେଦାରିୟାଁ " ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ମୌଲାନା ତୌଫିକ୍ ଆସଲମ୍ ଯୋଗଦେଇ ଇସ୍‌ଲାମ୍ ଧର୍ମ ସହ ଅନ୍ୟାନ୍ୟ ଧର୍ମ ଉପରେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ଧାମରାରେ ଓଏସଏସଏଫଙ୍କ ଦ୍ୱାରା ଜଳପଥରେ ପିଡିଏସ କିରୋସିନ ଜବତ

ଭଦ୍ରକ,(ପିଏନ)- ସମୁଦ୍ର ତଟ ସୁରକ୍ଷା ୨ୟ ଦିନରେ ଧାମରା ଓଡିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ମାନଙ୍କୁ ପୁନଶ୍ଚ ଏକ ସଫଳତା ମିଳିଛି । ଜଳପଥରେ ଚୋରା ଚାଲାଣ ହେଉଥିବା ପିଡିଏସ କିରୋସିନକୁ ଏମାନେ ଧରିବାରେ ସଫଳ ହୋଇଛନ୍ତି । ଧାମରା ନିକଟସ୍ଥ ଚନ୍ଦନୀପାଳ ଠାରୁ ଏକ ବୋଟରେ ପିଡିଏସ କିରୋସିନ କେନ୍ଦ୍ରପଡା ଜିଲ୍ଲା ତାଳଚୁଆ କୁ ପଠା ଯାଉଥିବା ବେଳେ ଓଏସଏସଏଫର ଜଓାନ ମାନେ ଏହାକୁ ଧରି ଧାମରା ମେରାଇନ ଥାନାକୁ ଆଣିଛନ୍ତି । ଏହି ଚୋରା ଚାଲାଣ ବାବଦରେ କିଛି ବୋଟ ଷ୍ଟାଫ ମାନଙ୍କୁ ଅଣା ଯାଇ ଏହି ଚୋରା କିରୋସିନ ବେପାରରେ କିଏ କିଏ ସଂପୃକ୍ତ ସେ ବିଷୟରେ ସେ ବିଷୟରେ ପଚରା ଉଚୁରା ଚାଲିଛି । ଆଜିର ଏହି ଚୋରା ଚାଲାଣ ପିଡିଏସ କିରୋସିନକୁ ଓଏସଏସଏଫର ଏସ ଆଇ ବିଜୟ ରଣା, ମାନସ ପରିଡା, ସଞ୍ଜିବ ମଲିକ, ମାନସ ମଲିକ, ପ୍ରଶାନ୍ତ ବିଶ୍ୱାଳଙ୍କ ସହ ଧାମରା ମେରାଇନ ଥାନାର ରବିନ୍ଦ୍ର କୁମାର ଖୁଂଟିଆ ପ୍ରମୁଖ ଜବତ କରିଥିବା ଜଣାଯାଇଛି । ଜବତ ହୋଇଥିବା ପିଡିଏସ କିରୋସିନକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତରିତ କରାଯିବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କ ନିକଟରୁ ପ୍ରକାଶ । ଆଗାମୀ ଦିନରେ ଜଳପଥରେ ଚୋରା ଚାଲାଣ ହେଉଥିବା କିରୋସିନକୁ କିଏ ରୋକ ଲଗାଇବ ଏଥିପାଇଁ ଯୋଗାଣ ବିଭାଗ ଅଥବା ସଂପୃକ୍ତ ଡିଲର ଦାୟୀ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ହୋଇ ପଡିଛି ।

### ଖଣ୍ଡିଆ ହୋଇ ପଡ଼ିରହିଛି ବିଟିପୁର ପଂଚାୟତ ଗୃହ କାର୍ଯ୍ୟ

# ଗଣଧାରଣା ଦେବେ ପଂଚାୟତ ପ୍ରତିନିଧି

ଭଦ୍ରକ, (ପିଏନ)- ଅବଧିର ଦୀର୍ଘଦିନ ପରେ ମଧ୍ୟ ବନ୍ତ ବ୍ଲକ ନୂତନ ବିଟିପୁର ପଂଚାୟତ ନିର୍ମାଣ ଗୃହ ଖଣ୍ଡିଆ ହୋଇ ପଡ଼ି ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆସନ୍ତା ୨ ତାରିଖ ପବିତ୍ର ଗାନ୍ଧି ଜୟନ୍ତୀରେ ପଂଚାୟତ ନିର୍ବାଚିତ ଜନପ୍ରତିନିଧିମାନେ ପୁର୍ନବାର ଗ୍ରାମସଭା ବର୍ଜନ କରିବା ସହିତ ଧାରଣାରେ ବସିବେ ବୋଲି ଜଣାପଡ଼ିଛି । ଏନେଇ ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ପଂଚାୟତରାଜ ମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ପଂଚାୟତରାଜ ମନ୍ତ୍ରୀ, ଭଦ୍ରକ ଜିଲ୍ଲାପାଳ, ବନ୍ତ ବିଡ଼ିଓ ପ୍ରମୁଖଙ୍କୁ ବି.ଟି.ପୁର ସରପଂଚ ସତ୍ୟବାନ ଦାସ ଓ ୱାର୍ଡ଼ସଭ୍ୟ ସଭ୍ୟା ସୌଦାମିନୀ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ କୁମାର ଜେନା, ଭାରତୀ ଜେନା, ଝରଣା ବାରିକ, କବିତା ଦାସ, ଦେବଯାନୀ ଦେହୁରୀ, ସରସ୍ୱତୀ ଦାସ ପ୍ରମୁଖ ଜଣାଇଛନ୍ତି । ସୂଚନା ମୂଳେ ପଂଚାୟତରାଜ ବିଭାଗର ବିଜ୍ଞପ୍ତି ନଂ ୧୧୫୬୦ ତା ୫-୭-୧୬ ରେ ପୁରୁଷଣ୍ଡକୁ ଭଙ୍ଗାଯାଇ ନୂତନ ବିଟିପୁର ପଂଚାୟତ ଗଠନ କରାଯାଇଛି । ମାତ୍ର ଏହି ପଂଚାୟତର ଭିତିଭୂମିର ବିକାଶ ଏଯାବତ ହୋଇପାରି ନାହିଁ । ଫଳରେ ପଂଚାୟତବାସୀ ଏବେ ଅସୁବିଧା ଭୋଗ କରିଆସୁଛନ୍ତି । ଉକ୍ତ ପଂଚାୟତର ଭିତିଭୂମି ର ଉନ୍ନତି ନିମନ୍ତେ ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାରେ ୧୮ ଲକ୍ଷ ୭୦ ହଜାର ଏବଂ ୪ର୍ଥ ଅର୍ଥ କମିଶନ ପକ୍ଷରୁ ୧୫ ଲକ୍ଷ ମୋଟ ୩୩ ଲକ୍ଷ ୭୦ ହଜାର ଟଙ୍କା ଗୃହ ନିର୍ମାଣ ନିମନ୍ତେ ଅନୁଦାନ ମିଳି ସାରିଛି । ତା ୬-୧-୧୮ରିଖରେ ଗୃହ ନିର୍ମାଣ ନିମନ୍ତେ ଦେବେନ୍ଦ୍ର ନାୟକଙ୍କ ନାମରେ କାର୍ଯ୍ୟାଦେଶ ମିଳିଥିବା ବେଳେ ତା ୨୦-୪-୧୮ ରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ନିର୍ମାଣର ୯୦ ଦିନ ମଧ୍ୟରେ ଗୃହ ସଂମ୍ପୂର୍ଣ୍ଣ ହେବାକୁ ଥିବା ବେଳେ ଅଦ୍ୟାବଧି ପଂଚାୟତ ଗୃହଟି ଅଧପନ୍ତରିଆ ହୋଇ ପଡ଼ି ରହିଛି । ଅସମ୍ପୂର୍ଣ୍ଣ ଗୃହଟି ଏକ ଭଗ୍ନସ୍ତୁପର ଭ୍ରମ ସୃଷ୍ଟି କରିବା ସହିତ ଜୀବଜନ୍ତୁଙ୍କ ଆଶୟୟସ୍ଥଳୀ ପାଲଟିଛି । ଅପରପକ୍ଷେ ବିଟିପୁର ପଂଚାୟତ କାର୍ଯ୍ୟ ଏବେ ପୁରୁଷଣ୍ଡ ପଂଚାୟତର ଏକ ଛୋଟିଆ କୋଠରୀରେ ଚାଲୁଅଛି । ସରପଂଚ, କାର୍ଯ୍ୟନିର୍ବାହୀ ଅଧିକାରୀ, କାଗଜପତ୍ର ଆଲମାରୀ ସମେତ ୧୨ ଜଣ ୱାର୍ଡ଼ସଭ୍ୟ ଏକକାଳୀନ ଉକ୍ତ ଗୃହରେ ବସିବା ସମ୍ଭବପର ହେଉନାହିଁ । ବାରମ୍ବାର ସରପଂଚଙ୍କ ଚିଠି ସତ୍ୱେ ଗତ ୧୫ ଅଗଷ୍ଟ ଗ୍ରାମସଭାକୁ ୱାର୍ଡ଼ ସଭ୍ୟ/ ସଭ୍ୟାମାନେ ବର୍ଜନ କରିଥିଲେ । ତେବେ ପଂଚାୟତର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ସଂପୃକ୍ତ ସରପଞ୍ଚ ଓ ୱାର୍ଡ଼ସଭ୍ୟସଭ୍ୟା ବିଭିନ୍ନ ସମୟରେ ଉଚ୍ଚକତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ବି ଏଯାବତ କୌଣସି ସମାଧାନ ହୋଇପାରି ନାହିଁ । ଅନ୍ୟପକ୍ଷରେ ପଂଚାୟତ ପତ୍ର ସଂଖ୍ୟ ୨୪୭ ତା ୯-୮-୧୯ ମୂଳେ ସରପଂଚ ଅତିଶିଘ୍ର ପଂଚାୟତ ଗୃହଟି ସଂମ୍ପୂର୍ଣ୍ଣ କରାଯାଇ ଦାୟିତ୍ୱ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି କିଛି କାର୍ଯ୍ୟର ଅଗ୍ରଗତି ନହେବାରୁ ପୁନଃ ଗ୍ରାମସଭା ବର୍ଜନ ସହିତ ଧାରଣା ନିଷ୍ପତି ନିଆଯାଇଛି । ପ୍ରକାଶଯୋଗ୍ୟ ଯେ ବିରୋଧୀ ଦଳର ସରପଂଚ ଏଠାରେ କାର୍ଯ୍ୟରତ ଥିବାରୁ ଜାଣିଶୁଣି ଗୃହକାର୍ଯ୍ୟକୁ ବିଳମ୍ବ କରାଯାଉଥିବାର ଲୋକେ କୁହାକୁହି ହେଉଛନ୍ତି । ଉପରୋକ୍ତ ଘଟଣା ନେଇ ବନ୍ତ ବିଡ଼ିଓ ରେବକା ବିଲଙ୍ଗଙ୍କୁ ଯୋଗଯୋଗ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକୁ ସଂମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହିତ ଖୁବଶିଘ୍ର କାର୍ଯ୍ୟଶେଷ କରାଯିବ ବୋଲି କହିଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ମାମଲା : ୪ ଗିରଫ

ବଲାଙ୍ଗିର, (ପିଏନ) : ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଲରମ୍ବା ଥାନା ଅନ୍ତର୍ଗତ ଚିଟକାମାଲ୍ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ନାରାୟଣ ବରିହା, ସ୍ୱରୂପ ଘିଭେଲା, ଗୌରାଙ୍ଗ ପୋଢ଼ ଓ କୃଷନ ବରିହା । ଗିରଫ ଅଭିଯୁକ୍ତ ମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ତେବେ ଫେରାର୍ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

ଗତ ମାସ ୨୧ ତାରିଖରେ ଚିଟକାମାଲ ଗ୍ରାମର ନାରାୟଣ ବରିହାଙ୍କ ଦେଢ଼ ବର୍ଷିୟ ଶିଶୁ ପୁତ୍ର ଲକିକୁ ଜ୍ୱର ହୋଇଥିଲା । ତାକୁ ପାଟଣାଗଡ଼ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ମୃତଦେହକୁ ଆଣି ନିଜ ବାଡିରେ ପୋତି ଦେଇଥିଲେ । ପରବର୍ତୀ ସମୟରେ ଶବ ପୋତାଯାଇଥିବା ସ୍ଥାନରେ କେହି ଫୁଲ, ସିନ୍ଦୁର ରଖି ଦୀପ ଜାଳି ଥିବା ଦେଖିବାକୁ ମିଳିଥିଲା । ଘଟଣା ପ୍ରଘଟ ହେବା ପରେ ଏଠାରେ କେହି ପୂଜାପାଠ କରିଥିବା ଅନୁମାନ କରି ଗାଁରେ ବୈଠକ ବସିଥିଲା । ନିଜ ସମ୍ପର୍କୀୟ ଚିନ୍ତାମଣି ଓ ରୁକ୍ମିଣୀ ବରିହା ଗୁଣି ଗାରେଡ଼ି କରୁଥିବା ନାରାୟଣ କହିଥିଲେ । ପରେ ଏନେଇ ସେ ଲରମ୍ବା ଥାନାରେ ଅଭିଯୋଗ କରିଥିଲେ । ଏହାର ପ୍ରତିବାଦ କରିଥିଲେ ଚିନ୍ତାମଣିଙ୍କ ପତ୍ନୀ ରୁକ୍ମିଣୀ । ଏପରିକି ତାକୁ ଡ଼ାହାଣି କହି ଗାଁ ଲୋକେ ନିର୍ଯାତନା ଦେଉଥିବା ରୁକ୍ମିଣୀ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଚାପା ଉତେଜନା ଲାଗି ରହିଥିଲା । ପୋଲିସ ମାମଲାର ସମାଧାନ କରିବା ପରିବର୍ତେ ନିରବଦ୍ରଷ୍ଟା ସାଜିଥିଲା । ଯାହାକୁ ନେଇ ଗତକାଲି ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ଦିନ ଦ୍ୱି ପ୍ରହରରେ ଦମ୍ପତି (ଚିନ୍ତାମଣି ଓ ରୁକ୍ମିଣୀ)ଙ୍କୁ ପିଟି ପିଟି ହତ୍ୟା କରି ଏକ ଅଖାରେ ପୁରାଇ ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ମାମଲାରେ ଅଭିଯୁକ୍ତ ମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିପାରି ପୋଲିସ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା । ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ସାଳନ୍ଦୀ ନଦୀରେ ବୁଡି ରାଜେଶର ମୃତ୍ୟୁ

ଭଦ୍ରକ,(ପିଏନ)- ଭଦ୍ରକ ପୁରୁଣାବଜାର ଥାନା ଅଧୀନସ୍ଥ ଚନ୍ଦନବଜାରର ଶଙ୍କରପୁର ନିବାସୀ ଗୋବିନ୍ଦ ରାଉତଙ୍କ ପୁତ୍ର ରାଜେଶର ସାଳନ୍ଦୀ ନଦୀରେ ବୁଡି ମୃତ୍ୟୁ ଘଟିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗତକାଲି ସକାଳେ ରାଜମିସ୍ତ୍ରୀ କାର୍ଯ୍ୟ କରୁଥିବା ରାଜେଶ ଏକ ମାଛଧରା ଜାଲ ଓ ବଇଁଶୀ ଛଡ ନେଇ ସାଳନ୍ଦୀ ନଦୀର ସନ୍ଥିଆ ଘାଟ ନିକଟକୁ ଆସିଥିଲା । ଲୋକଙ୍କ କହିବା ଅନୁସାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେ ମାଛ ଧରୁଥିବାବେଳେ ରାତିରେ ଘରକୁ ଫେରିନଥିଲା । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବାରୁ ପୁରୁଣାବଜାର ଥାନାରେ ଏତଲା ଦେଇଥିଲେ । ତେବେ ଆଜି ସକାଳୁ ଗୋବିନ୍ଦଙ୍କ ଭଣଜା ଗୋବରା ସାହୁ ରାଜେଶକୁ ଖୋଜିବା ମଧ୍ୟରେ ସନ୍ଥିଆ ଘାଟ ଉପରେ ତାର ପିନ୍ଧାବସ୍ତ୍ର ଓ ଜୋତା ରହିଥିବାବେଳେ ମୃତଦେହ ଜାଲ ସହ ନଦୀରେ ଭାସୁଥିବାର ଦେଖିଥିଲା । ପରେ ପୁଲିସ୍‌କୁ ଖବର ଦେବାରୁ ମୃତଦେହକୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇଛି । ଏହି ଘଟଣାରେ ପୁରୁଣାବଜାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତାର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ବାଲିଗୁଡ଼ା ବ୍ଲକରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ, ତଦନ୍ତ ଦାବୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକରେ ଦୁର୍ନିତୀ ଥମିବାର ନାଁ ନେଉନି । ଏହି ବ୍ଲକରେ ପରିବାର ମଙ୍ଗଳ ଯୋଜନାରେ ପୂର୍ବରୁ ବିଡିଓ, ବରିଷ୍ଠ କିରାଣୀ, ବ୍ଲକ ସମାଜ କଲ୍ୟାଣ ଅଧିକାରୀଙ୍କ ସମେତ ଅନ୍ୟମାନେ ଜାଲିଆତି କରି ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ କରିଥିବା ଅଡିଟ୍ ରିପୋର୍ଟରୁ ଜଣାପଡିବା ପରେ ଏନେଇ ଭିଜିଲାନ୍ସ ତଦନ୍ତ କରିବାସହ ଥାନାରେ ଏତଲା ମଧ୍ୟ ଦିଆଯାଇଛି । ସେହିପରି ଯନ୍ତ୍ରୀମାନେ ମଧ୍ୟ ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଥିବା ନଜିର ରହିଛି । ତଥାପି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମାନଙ୍କ ଚେତା ପଶିବାକୁ ନାହିଁ । ପିସି ନଦେଲେ ବିଲ କରୁନାହାଁନ୍ତି । ଖୋଲାଖୋଲି ପିସି ଦାବୀ କରି ନେଉଛନ୍ତି । ଫଳରେ ଏହି ବ୍ଲକରେ କରାଯାଉଥିବା ରାସ୍ତା, କଲଭର୍ଟ, ଘର ସମସ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ । ଏହି ବ୍ଲକର କେତେକ ସ୍ଥାନରେ କାର୍ଯ୍ୟ ନହୋଇ ଡିସପ୍ଲେ ବୋର୍ଡ ମରାଯାଉଥିବା ବେଳେ ଆଉ କେଉଁଠି କାମ ସରିବାର ବର୍ଷାଧିକ କାମ ବିତିଯାଇଥିଲେ ମଧ୍ୟ ଡିସପ୍ଲେ ବୋର୍ଡ ଦିଶୁନି । ଦୁର୍ନିତୀ ସତେଯେପରି ବାଲିଗୁଡା ବ୍ଲକ ପିଛା ଛାଡୁନି । ବିଭିନ୍ନ ପଂଚାୟତର ସରପଂଚ ଓ ଲୋକପ୍ରତିନିଧି ମାନଙ୍କୁ ଭୂଆଁ ବୁଲାଇ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ମାନେ ନିଜେ ନିଜ ନାଁରେ କାମ ରଖି କୁଆଡେ କିଛି ନିର୍ଦ୍ଦିଷ୍ଟ ଖାସ୍ ଲୋକଙ୍କ ଦ୍ୱାରା ଠିକା କାମ କରାଇ ସେମାନଙ୍କ ଠାରୁ ମୋଟା ଅଙ୍କର ପିସି ଆଦାୟ କରୁଥିବା ଅଭିଯୋଗ ହେଉଛି । ବ୍ଲକରେ ୧୫ରୁ ୨୦ ପ୍ରତିଶତ ପିସି ଦାବୀ କରାଯାଉଥିବା ବେଳେ ପଂଚାୟତ କାମରେ ମଧ୍ୟ ୨୦ରୁ ୨୫ ପ୍ରତିଶତ ପିସି କଟାଯାଉଛି କୁଆଡେ । ଫଳରେ କାମର ମାନ ଯାହା ହେଉଥିବ ସହଜରେ ଜାଣିହେବ ।

ଏପଟେ ମୁଖ୍ୟମନ୍ତ୍ରୀ ୫ଟି ଉପରେ ଗୁରୁତ୍ୱ ଦେଉଥିବା ବେଳେ ଶୁଣୁଛି କିଏ ? ନିମ୍ନମାନର କାମ ଯୋଗୁଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶାରେ । ଏହାର ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ସୁଡ୍ରା ପଂଚାୟତର କଟଡି ଗ୍ରାମରେ । କଟଡି ସମେତ ସିକାଟି, ଅଡାବାଲି, କୁଦୁକୁମ୍ପି, ବଲକଡାଗି ଗାଁର ୩ଶହରୁ ଉର୍ଦ୍ଧ୍ୱ ଲୋକ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଲୋକମାନଙ୍କ ଦାବୀ ପରେ ଗାଁରେ ରାସ୍ତା ଓ ଗାର୍ଡୱାଲ ନିର୍ମାଣ କରାଯାଇଥିଲା ବ୍ଲକ ପକ୍ଷରୁ । ତେବେ, କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ତାହା ମାସ କେତୋଟିରେ ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟ ସରପଂଚଙ୍କୁ ଅନ୍ଧାରରେ ରଖି ତାଙ୍କୁ ନକହି ଲୁଚିଛପି ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟକରି ସିଂହଭାଗ ଅର୍ଥ ଚଲୁ କରିଦେବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଗ୍ରାମବାସୀଙ୍କ ସମେତ ଖୋଦ୍ ସରପଂଚ ମଧ୍ୟ ଅଭିଯୋଗ କରିଛନ୍ତି । ମେଟାଲ ଓ ଗୁଡି ବଦଳରେ ବଡ ବଡ ବୁଲଡର ବ୍ୟବହାର ସହ ବାଲି ଓ ସିମେଂଟ ଅନୁପାତ ମଧ୍ୟ ଠିକ୍ ନଥିବା, କମ୍ ସିମେଂଟରେ ଅଧିକା ବାଲି ମିଶାଇ ଉପରଠାଉରିଆ ଭାବେ କାମ କରାଯାଇଥିବା ଅଭିଯୋଗ ହେଉଛି । କେବଳ ଏହି ଗୋଟିଏ ରାସ୍ତା କି ଗାର୍ଡୱାଲ ଏହି ବ୍ଲକର ସବୁ ପଂଚାୟତରେ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମିଶି ହରିଲୁଟ ଚଳାଇଥିବା ଅଭିଯୋଗ ହେଉଛି । ସହକାରୀ ଯନ୍ତ୍ରୀ ଜଣକ ଜିଲ୍ଲାରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ରହି ଦୁର୍ନିତୀ, ଅନିୟମିତତା ଚଳାଇଥିବା ଜଣାପଡିଛି । ବିଭିନ୍ନ ସମୟରେ ନେତା ଓ ମନ୍ତ୍ରୀଙ୍କର ବୋଲକରା ସାଜି ଏଠାରେ ନାନା କେଳେଙ୍କାରୀ ଚଳାଇଥିବା ଶୁଣିବାକୁ ମିଳୁଛି । ଏହି ବ୍ଲକରେ ଚାଲିଥିବା ଦୁର୍ନିତୀ, ଅନିୟମିତତା ସଂପର୍କରେ ଦୁର୍ନିତୀ ନିବାରଣ ବିଭାଗ ତଦନ୍ତ କରି ଦୋଷୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡମେମ୍ବର ଅନୀତା ମଲିକ, କୁଶ ମଲିକ, ଜୟରାମ ମଲିକ ଓ ସରପଂଚ ନରସିଂହ ମଲିକ ପ୍ରମୁଖ ଦାବୀ କରିଛନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday December 17 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୧୭ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଏୟାରଟେଲ୍ ଏବଂ ଭାରତୀ ଆକ୍ସା ପକ୍ଷରୁ ଅଭିନବ ପ୍ରିପେଡ୍ ବଣ୍ଡଲ୍

ଭୁବନେଶ୍ୱର: ଭାରତର ସର୍ବବୃହତ ସମ୍ମିଶ୍ରିତ ଦୂରସଞ୍ଚାର ସେବା ପ୍ରଦାନକାରି ସଂସ୍ଥା, ଭାରତୀ ଏୟାରଟେଲ୍ ଓ ଭାରତୀ ଆକ୍ସା ଜୀବନ ବୀମା ମିଳିତଭାବେ ମୋବାଇଲ୍ ସେବା ସହ ଏକ ଆର୍ଥିକ ଭାବେ ସୁରକ୍ଷିତ ଭାରତ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏୟାରଟେଲ୍ ପକ୍ଷରୁ ଦିନକୁ ୨ ଜିବି ଡାଟା ସହିତ ୫୯୯ ଟଙ୍କାର ଏକ ଅଭିନବ ପ୍ରିପେଡ୍ ବଣ୍ଡଲର ଶୁଭାରମ୍ଭ କରାଯାଇଛି, ଯାହା ଯେକୌଣସି ନେଟ୍‌ୱାର୍କକୁ ଅସୀମିତ କଲ୍ ଓ ଦିନକୁ ୧୦୦ ଏସ୍‌ଏମ୍‌ଏସ୍ ସୁବିଧା ପ୍ରଦାନ କରୁଛି। ଏହା ସହିତ ଭାରତୀ ଆକ୍ସା ଜୀବନ ବୀମା ପକ୍ଷରୁ ୪ ଲକ୍ଷ ଟଙ୍କାର ଜୀବନ ବୀମା କଭର୍ ମଧ୍ୟ ପ୍ରଦାନ କରୁଛି। ଏହି ରିଚାର୍ଜ ୮୪ ଦିନର ସମୟ ଅବଧି ସହିତ ଆସୁଛି ଏବଂ ବୀମା କଭର୍ ପ୍ରତ୍ୟେକ ରିଚାର୍ଜ ସହିତ ତିନି ମାସ ପାଇଁ ସ୍ୱୟଂ ଭାବେ ବଜାୟ ରହୁଛି। ଆଇଆରଡିଏଆଇ ଅନୁଯାୟୀ, ଭାରତରେ ବୀମା ପ୍ରବେଶ ୪% କମ୍ ଅଟେ (ଜନସଂଖ୍ୟାର), ଯେତେବେଳେକି ମୋବାଇଲ୍ ପ୍ରବେଶ ପାଖାପାଖି ୯୦% ଅଟେ। ଏହା ଆକଳନ କରାଯାଇଛି ଯେ, ୨୦୨୨ ସୁଦ୍ଧା ଭାରତରେ ପାଖାପାଖି ୮୩୦୦ ଲକ୍ଷ ସ୍ମାର୍ଟଫୋନ୍ ଗ୍ରାହକ ସୃଷ୍ଟି ହେବେ। ଏୟାରଟେଲ୍ ଓ ଭାରତୀ ଆକ୍ସା ଜୀବନ ବୀମାର ଏହି ଅଭିନବ ପ୍ରିପେଡ୍ ବଣ୍ଡଲ୍ ଗାମୀଣ ଲୋକଙ୍କ ନିକଟରେ ଏୟାରଟେଲ୍‌ର ଗଭୀର ବଣ୍ଟନ ପହଞ୍ଚତା ସହିତ ଭାରତୀ ଆକ୍ସା ଜୀବନର ସ୍ୱତନ୍ତ୍ର ବୀମାକୁ ସମ୍ମିଶ୍ରିତ କରୁଛି। ଏହା ଲକ୍ଷ ଲକ୍ଷ ଅନ୍‌ଇନସିଓର୍ଡ ଓ ଅଣ୍ଡରଇନ୍‌ସିଓର୍ଡ ଭାରତୀୟଙ୍କ ପାଇଁ ଏହାକୁ ସରଳ କରାଉଛି ଏବଂ ପ୍ରତିଥର ସେମାନଙ୍କ ମୋବାଇଲ୍ ଫୋନ୍ ରିଚାର୍ଜ କରାଇ ଉନ୍ନତ ମାନର ଜୀବନ ବୀମା କଭର୍ ପାଉଛନ୍ତି। ଏୟାରଟେଲ୍ କମ୍ ସମୟରେ ସମସ୍ତ ଜିନିଷକୁ ପ୍ରଦାନ କରିବା ପାଇଁ ଡିଜିଟାଲ୍ ପ୍ରକ୍ରିୟାର ପ୍ରୟୋଗ କରୁଛି। ଜଣେ ଉପଭୋକ୍ତା ଏସ୍‌ଏମ୍‌ଏସ୍, ଏୟାରଟେଲ୍ ଥ୍ୟାଙ୍କସ୍ ଆପ୍ କିମ୍ବା ଏୟାରଟେଲ୍ ରିଟେଲର୍ ମାଧ୍ୟମରେ ପ୍ରଥମ ରିଚାର୍ଜ କରି ବୀମା ପାଇଁ ନାମକରଣ କରାଇବା ଦରକାର। ଏହି ଜୀବନ ବୀମା କଭର୍ ୧୮-୫୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଛି, ଯାହା ପାଇଁ କୌଣସି କାଗଜପତ୍ର କାମ କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ଆବଶ୍ୟକ ହେଉନାହିଁ। ଏହି ଉତ୍ପାଦ ତାମିଲ୍‌ନାଡୁ ଓ ପଣ୍ଡିଚେରୀର ଗ୍ରାହକମାନଙ୍କ ପାଇଁ ବର୍ତ୍ତମାନ ଉପଲବ୍ଧ ହୋଇସାରିଛି ଏବଂ ଏହାର ସଂପ୍ରସାରଣ କିଛି ମାସ ମଧ୍ୟରେ ପ୍ୟାନ୍-ଇଣ୍ଡିଆ ମଧ୍ୟକୁ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମନୋଜ ମୁରଲି, ହବ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ – କେରଳ ଏବଂ ତାମିଲ୍‌ନାଡୁ, ଭାରତୀ ଏୟାରଟେଲ୍ ପ୍ରକାଶ କରିଛନ୍ତି, 'ଏୟାରଟେଲ୍ ବିଶ୍ୱସ୍ତରୀୟ ସଂଚାର ସଂଯୋଗତା ସହିତ ତାମିଲ୍‌ନାଡୁ ଓ ପଣ୍ଡିଚେରୀରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସଶକ୍ତ କରିସାରିଛି। ଆମେ ଭାରତୀ ଆକ୍ସା ଜୀବନ ବୀମା ସହିତ ସହବନ୍ଧିତା କରି ଖୁବ୍ ଆନନ୍ଦିତ ଏବଂ ଡିଜିଟାଲ୍ ଭାବେ ସକ୍ରିୟ ଓ ଆର୍ଥିକ ଭାବେ ସୁରକ୍ଷିତ ତାମିଲ୍‌ନାଡୁ ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରୁଛୁ।' ବିକାଶ ସେଠ୍, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭାରତୀ ଆକ୍ସା ଜୀବନ ବୀମା କହିଛନ୍ତି ଯେ, 'ଆମେ ଇଣ୍ଡଷ୍ଟ୍ରିରେ ଗ୍ରାହକ-କୈନ୍ଦ୍ରିକ ସୁରକ୍ଷା ଉତ୍ପାଦ ସୃଷ୍ଟି କରିବା କ୍ଷେତ୍ରରେ ସବୁବେଳେ ଆଗରେ ରହିଆସିଛୁ। ଏକ ଗ୍ରୁପ୍ ମାଷ୍ଟର ବୀମାଧାରୀ ଭାବରେ ଏୟାରଟେଲ୍ ସହିତ କୌଶଳଭିତ୍ତିକ ସହବନ୍ଧିତା ଓ ଏୟାରଟେଲ୍‌ର ପ୍ୟାନ୍-ଇଣ୍ଡିଆ ବିଶାଳ ବଣ୍ଟନ ନେଟ୍‌ୱାର୍କ ଦେଶରେ ବୀମାର ପ୍ରବେଶକୁ ବୃଦ୍ଧି କରାଇବ।'

## ମିଆ ବାଏ ତନିଷ୍କର ଆକର୍ଷଣୀୟ ଅଫର

ଭୁବନେଶ୍ୱର : ଭାରତର ସର୍ବାଧିକ ଆଦୃତ ଅଳଙ୍କାର ବ୍ରାଣ୍ଡ 'ମିଆ ବାଏ ତନିଷ୍କ' ଚଳିତ ଦୁର୍ଗାପୂଜାରେ ଅଳଙ୍କାର କ୍ରୟକୁ ନିଶ୍ଚିତ ଆକର୍ଷଣୀୟ କରିବା ନିମନ୍ତେ ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ଅଫର ପ୍ରଦାନ କରୁଛି। ୨୫୦୦୦ ଟଙ୍କା କ୍ରୟ ଉପରେ ଗ୍ରାହକ ବିନା ମୂଲ୍ୟରେ ସୁନା ପଦକ ପାଇପାରିବେ ଏବଂ ମିଆ କ୍ଲାସିକ କଲେକସନ୍‌ରେ ୧୦% ପର୍ଯ୍ୟନ୍ତ ଛାଡ଼ ପାଇପାରିବେ। କୋଲକତା, ସିଲିଗୁଡ଼ି ଓ ଗୌହାଟୀରେ ଥିବା ମିଆ ଷ୍ଟୋରରେ ଏହି ଅଫର ସେପ୍ଟେମ୍ବର ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ରାଞ୍ଚି, ଜାମସେଦପୁର, ଗ୍ୟାଙ୍ଗଟକ ଓ ଭୁବନେଶ୍ୱରରେ ଥିବା ଷ୍ଟୋରରେ ଏହା ସେପ୍ଟେମ୍ବର ୧୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏଥିସହ ସେପ୍ଟେମ୍ବର ୧୪ ଓ ୧୫ ଏବଂ ୨୮ ଓ ୨୯ ତାରିଖରେ ଅତିରିକ୍ତ ୫% ଛାଡ଼ ମିଳିବ।

## ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ଖୋଲିବ ୪୫୦ଟି ଶାଖା

ମୁମ୍ବାଇ: ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ୪୫୦ଟି ନୂଆ ଶାଖା ଖୋଲି ଦେଶରେ ନିଜର ଖୁଚୁରା । ନେଟ୍‌ୱର୍କ ସଂପ୍ରସାରିତ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଇତିମଧ୍ୟରେ ବ୍ୟାଙ୍କ ଗ୍ରାହକଙ୍କ ନିମନ୍ତେ ୩୨୦ଟି ଶାଖା କାର୍ଯ୍ୟକ୍ଷମ କରିସାରିଛି । ଅବଶିଷ୍ଟ କାର୍ଯ୍ୟକ୍ଷମ ପ୍ରକ୍ରିୟାରେ ରହିଛି । ନୂଆ ଶାଖା ପ୍ରତିଷ୍ଠା ଫଳରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ଦେଶରେ ୫୦୦୦କୁ ବୃଦ୍ଧି ପାଇଛି । ବ୍ୟାଙ୍କର ମାଇଲଖୁ ଶାଖା ମହାରାଷ୍ଟ୍ରର ଥାନେଠାରେ ପ୍ରତିଷ୍ଠା କରାଯାଇଛି । ଏହାଦ୍ୱାରା ବ୍ୟାଙ୍କ ନେଟ୍‌ୱର୍କରେ ୫୧୯୦ଟି ଶାଖା, ଏଟିଏମ ଓ ସଂପ୍ରସାରିତ କାଉ ର ଅନ୍ତର୍ଭୁକ୍ତ ହୋଇପାରିଛି । ଜାମ୍ମୁ- କାଶ୍ମୀରର ଲେହ ଠାରୁ ଆରମ୍ଭ କରି ତାମିଲନାଡୁର ନାଗରକଏଲ, ଗୁଜୁରାଟର ନାଲିୟାଠାରୁ ଆରମ୍ଭ କରି ମିଜୋରାମର ଆଇଜଲ ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ପ୍ରତିଷ୍ଠା ହୋଇପାରିଛି । ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ବ୍ୟାଙ୍କ ଅଧାଶାଖା ଗ୍ରାମାଂଚଳ ଓ ଅର୍ଦ୍ଧସହରାଂଚଳରେ ପ୍ରତିଷ୍ଠା କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୂପ ବାଗ୍‌ଚୀ କହିଛନ୍ତି ଯେ, ଖୁଚୁରା ବ୍ୟାଙ୍କିଙ୍ଗ ପାଇଁ ଏକ ବ୍ୟାପକ ବ୍ୟାଙ୍କ ନେଟ୍‌ୱର୍କର ଆବଶ୍ୟକତା ରହିଛି ବୋଲି ଆମେ ବିଶ୍ୱାସ କରୁ । ଏହାଦ୍ୱାରା ଅଧିକରୁ ଅଧିକ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ସହ ସଂପର୍କରେ ମଧ୍ୟ ବୃଦ୍ଧି ଘଟିଥାଏ । ଏହି ଶାଖାଗୁଡ଼ିକ ଗ୍ରାହକଙ୍କୁ ପରାମର୍ଶ ଦେବା ସହ ମାର୍ଗଦର୍ଶନ ପ୍ରଦାନ କରିଥାନ୍ତି ବୋଲି ସେ କହିଛନ୍ତି।

## ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି। ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି। ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି। ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି। ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି। ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକ୍ସ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି।ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେରସ. ଓଏସ୍ ୮.୧ ଆଣ୍ଡ୍ରଏଡ୍, ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅ'ର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ମାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନ ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟ' ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସ୍‌ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଲେ, ' ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ରୁଦ୍ଧିମ' କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ଭି ସିରିଜ୍‌ରେ ଏକ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ରୁଦ୍ଧିମନ୍ତ କରାଇବ। ଏଥିରେ ଥିବା ୩୨ ଏମ୍ ପି ଡୁଆଲ୍ ପପ୍ ଅପ୍ ସମ୍ମୁଖ କ୍ୟାମେରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଭିଭୋ ଭାରତରେ ଏହାର କାରବାର ୨୦୧୪ ମସିହାରେ ଆରମ୍ଭ କରିଥିଲା। ଅତି ସ୍ୱଳ୍ପ ସମୟ ମଧ୍ୟରେ ଏହା ସ୍ମାର୍ଟବ୍ରାଣ୍ଡ୍ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା। ଗ୍ରେଟର ନୋଏଡାଠାରେ ଏହାର ନିର୍ମାଣ କେନ୍ଦ୍ର ରହିଛି। ସମ୍ପ୍ରତି ଦେଶର ୨୭ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଂଚଳରେ ୫୩୯ରୁ ଅଧିକ ସହରରେ କମ୍ପାନୀର ୫୫୦ରୁ ଅଧିକ ସର୍ଭିସ୍ ସେଂଟର ରହିଛି। ଏହା ମୁଖ୍ୟତଃ କ୍ୟାମେରା ଓ ମ୍ୟୁଜିକ୍‌କୁ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ଭାବରେ ଖ୍ୟାତି ହାସଲ କରଛି।

## ଫ୍ଲିପକାର୍ଟ ପକ୍ଷରୁ ମାରକ୍ୟୁ ଏବଂ ପରଫେକ୍ଟ ହୋମ ବ୍ରାଣ୍ଡର ସଂପ୍ରସାରଣ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଇ-କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ, ବିଗ ବିଲିୟନ ଡେ ଉପଲକ୍ଷେ ଏହାର ବୃହତ ଉପକରଣ ବ୍ରାଣ୍ଡ ମାରକ୍ୟୁ ଏବଂ ଫର୍ନିଚର ବ୍ରାଣ୍ଡ ପରଫେକ୍ଟ ହୋମସର ସଂପ୍ରସାରଣ କରିଛି । ମାରକ୍ୟୁ ଉନ୍ନତ ମାନର ହୋମ ଏବଂ ପର୍ସନାଲ ଅଡିଓ ଡିଭାଇସ ଏବଂ ଆଣ୍ଡ୍ରଏଡଟିଭି ଷ୍ଟ୍ରିମିଙ୍ଗ ବକ୍ସ ସମେତ ଏହି ବ୍ରାଣ୍ଡ ଅଧିନସ୍ଥ ପୋର୍ଟଫୋଲିଓରେ ୱାସିଙ୍ଗ ମେସିନ ଏବଂ ରେଫ୍ରିଜେରେଟର ମଧ ରହିଛି । ଏହି ବ୍ରାଣ୍ଡ ଅନ୍ତର୍ଗତ ଟିଭି ଗୁଡ଼ିକ 'ସମ୍ପୂର୍ଣ୍ଣ ଉପକରଣ ସୁରକ୍ଷା', ମାନ୍ୟୁଫାକଚରିଙ୍ଗ ଏବଂ ଦୁର୍ଘଟଣା ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ତିନି ବର୍ଷର କେୟାର ପ୍ଲାନ ସହିତ ଆସିଥିବା ବେଳେ ରେଫ୍ରିଜେରେଟର ଗୁଡ଼ିକ ଶ୍ରେଷ୍ଠ ୧୦ ବର୍ଷର ୱାରେଣ୍ଟି ସହ ଆସିଛି । ସେହିଭଳି ଫ୍ଲିପକାର୍ଟର ପରଫେକ୍ଟ ହୋମ ଏହାର ପୋର୍ଟଫୋଲିଓକୁ ଆଗକୁ ସଂପ୍ରସାରିତ କରିଛି ଯାହାକି ପୁର୍ବରୁ ଖଟ, ସୋଫା, ଡାଇନିଙ୍ଗ ଟେବଲ ସମେତ ବର୍ତ୍ତମାନ ବୁକସେଲଭ, କିଚନ କ୍ୟାବିନେଟକୁ ସାମିଲ କରିଛି । ଏହା ବ୍ୟତିତ ଏହି ବ୍ରାଣ୍ଡ ଲ୍ୟାମ୍ପ, କାନ୍ଥ ଘଣ୍ଟା, ବେଡ ସିଟ ଏବଂ ବାଥ ଲାଇନେନ ଆଣି ହୋମ ଫର୍ନିସିଙ୍ଗ ଏବଂ ଗୃହ ସଜ୍ଜାକୁ ଅଧିକ ଆକର୍ଷଣୀୟ କରିଦେଇଛି । ବିଗତ ବର୍ଷର ବିଗ ବିଲିୟନ ଡେ ଅବସରରେ ଫ୍ଲିପକାର୍ଟ ହୋମ ଦେଶର ବୃହତ୍ତମ ଫର୍ନିଚର ବ୍ରାଣ୍ଡର ମାନ୍ୟତା ପାଇଥିଲା । ଏହି ପାର୍ବଣ ଋତୁରେ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ବ୍ରାଣ୍ଡ ସେମାନଙ୍କର ଉପକରଣ ନିର୍ମାଣ ସାମର୍ଥ୍ୟତାକୁ ତ୍ୱରାନ୍ୱିତ କରିଛନ୍ତି । ଫ୍ଲିପକାର୍ଟର ଏହି ଉଭୟ ମାରକ୍ୟୁ ଏବଂ ପରଫେକ୍ଟ ହୋମ ୨୦୧୯ରେ ସେମାନଙ୍କର ମାନ୍ୟୁଫାକ୍‌ଚରିଙ୍ଗ ସହଯୋଗୀଙ୍କ ସଂଖ୍ୟାରେ ୨ ଗୁଣ ବୃଦ୍ଧି କରିଛନ୍ତି । ଉଭୟ ବ୍ରାଣ୍ଡର ଅ'ର୍ଭୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଉନ୍ନତ ଗୁଣବତ୍ତା ଏବଂ ମୂଲ୍ୟ ବର୍ଗରେ ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ପାଇଁ ଉପଯୁକ୍ତ ଅଟେ । ଏହା ସମ୍ପର୍କରେ ଫ୍ଲିପକାର୍ଟର ଇଲେକ୍ଟ୍ରୋନିକ ଏବଂ ଫର୍ନିଚର ପ୍ରାଇଭେଟ ବ୍ରାଣ୍ଡର ଉପାଧ୍ୟକ୍ଷ ଶ୍ରୀ ଆଦର୍ଶ ମେନନ୍ କହିଛନ୍ତି, 'ଫ୍ଲିପକାର୍ଟର ମାରକ୍ୟୁ ଏବଂ ଫ୍ଲିପକାର୍ଟର ପରଫେକ୍ଟ ହୋମ ମାଧ୍ୟମରେ ଆମେ ଗ୍ରାହକ ମାନଙ୍କୁ ସେମାନଙ୍କ ବଜେଟ ଭିତରେ ଶ୍ରେଷ୍ଠ ବୈଶିଷ୍ଟ୍ୟ ଏବଂ ଅଭିନବ ଉପକରଣ ଯୋଗାଇ ଦେଇ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରୁଛୁ ।

## କିଟ୍ ଫେଷ୍ଟ ୬.୦ ଉଦ୍‌ଘାଟିତ
## ମୁଖ୍ୟ ଆକର୍ଷଣ ଅମିତ ତ୍ରିବେଦୀ




ଭୁବନେଶ୍ୱର, (ପିଏନ): କିଟ୍ ବିଶ୍ୱବିଦ୍ୟାଳୟର ସର୍ବ ବୃହତ ବୈଷୟିକ-ସାଂସ୍କୃତିକ ମହାକୁମ୍ଭ 'କିଟ୍ ଫେଷ୍ଟ'ର ଷଷ୍ଠ ସଂସ୍କରଣ ସୋମବାର କିଟ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବ ଭାରତର ବିଶ୍ୱବିଦ୍ୟାଳୟସ୍ତରରେ ସର୍ବ ବୃହତ ବୈଷୟିକ ଓ ସାଂସ୍କୃତିକ ମହୋତ୍ସବ ହେଉଛି କିଟ୍ ଫେଷ୍ଟ। ଆଜି କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ଛାତ୍ର ବ୍ୟାପର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ସାହୁ ଓ ଛାତ୍ର ସେବା ଉପନିର୍ଦ୍ଦେଶକ ଡ. ଶ୍ୟାମ ସୁନ୍ଦର ବେହୁରାଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ମହାକୁମ୍ଭକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଏହି ଫେଷ୍ଟରେ ଭାରତର ବିଭିନ୍ନ ଖ୍ୟାତି ସଂପନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରୁ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ୨୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କିଟ୍ ଫେଷ୍ଟର ମୁଖପତ୍ର 'କ୍ରିତିକା' ସିଭିଲ୍ ଇଂଜିନିୟରିଂ ବିଭାଗର ସ୍ମରଣିକା 'ନିର୍ମିନାଇଟ୍', କମ୍ପ୍ୟୁଟର ସାଇନ୍ସ ବିଭାଗର ସ୍ମରଣିକା 'କିବିବାଇଟ୍', ଇଲେକ୍ଟ୍ରୋନିକ୍ସ ଇଂଜିନିୟରିଂ ବିଭାଗର ସ୍ମରଣିକା 'କ୍ୟୁରୋସିଟି', ମେକାନିକାଲ୍ ଇଂଜିନିୟରିଂ ବିଭାଗର ସ୍ମରଣିକା 'ଯନ୍ତ୍ର ଏନ୍‌ଏକ୍ସଟି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହାକୁମ୍ଭରେ ସାଂସ୍କୃତିକ ବିଭାଗରେ ୨୦ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ବୈଷୟିକରେ ୧୫ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଓ ୫ରୁ ଊର୍ଦ୍ଧ୍ୱ ବୈଷୟିକ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ବୈଷୟିକ, କଳା ଓ ସାଂସ୍କୃତିକ ଓ ସୃଜନାତ୍ମକ ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କ ଉତ୍କର୍ଷତା ପ୍ରତିପାଦନ କରିବାର ସୁଯୋଗ ପାଇବେ। ଏହା ଛଡ଼ା ସେମାନେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାର ଏହା ହେଉଛି ଏକ ବଡ଼ ପ୍ଲାଟଫର୍ମ। ଏଥିପାଇଁ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଉତ୍ସବମୁଖର ହୋଇ ଉଠିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ବିଭିନ୍ନ କ୍ୟାମ୍ପସ୍‌ରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଜାରି ରହିଛି। ୧୬ତାରିଖରେ ବ୍ୟାଣ୍ଡ ପରଫରମାନ୍‌ସ ଅନୁଷ୍ଠିତ ହୋଇଥିବା ବେଳେ ୧୭ତାରିଖର ମୁଖ୍ୟ ଆକର୍ଷଣ ଅଛନ୍ତି ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅମିତ ତ୍ରିବେଦୀ। ଉଦ୍‌ଯାପନୀ ଉତ୍ସବରେ ଡିଜେ ନାଇଟ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ରତ୍‌ଭିଜ୍ ଡିଜେ ପ୍ରଦର୍ଶନ କରିବେ। ଏହି ମହୋତ୍ସବରେ ସାଂସ୍କୃତିକ ବିଭାଗରେ ଫିଫା୨୦, ଇନ୍‌ଷ୍ଟାଣ୍ଟ ଓ ଫାଏ, ଚିତ୍ରବିଚିତ୍ର, ହିପ୍ ହପ୍ ସାଇଫର, ସ୍ୱଟ୍ ଲାଇଟ୍, ଦେଖ ତମାସା ଦେଖ, ଷ୍ଟାର ସେଲ୍‌ସମ୍ୟାନ୍, ଜରା ନାଚ୍‌କେ ଦେଖା, ଅନଭେଲ୍ ଦି ସ୍ଲାମ୍ ପଏଟ୍ରି ଇଭେଣ୍ଟ, ବଜ୍ ରାଇଟ୍ ଇଅର, ଫ୍ରୋଜନ୍ ଇନ୍ ଟାଇମ୍, ମେନାନେଜ୍, ଫୁଏଗୋ, ମିସ୍‌ମ୍ୟାଚ୍, ଅଳଙ୍କାର ଆଦି ରହିଥିବା ବେଳେ ବୈଷୟିକ ବିଭାଗରେ ଇନୋଭେସନ୍, ପରପ୍ଲେକ୍ସ, ରୋବୋଟିକ୍ସ, କୋଡିଂ ଏବଂ ବିଜିନେସ୍ ମାର୍କେଟିଂରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି କୁଇଜ୍‌ରେ ଫ୍ଲେମ୍‌ସ କୁଇଜ୍, ବିଜ୍‌ଟେକ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ୨୫ଲକ୍ଷ ଟଙ୍କା ରଖାଯାଇଛି। ଏହ କୌଣସି ବିଶ୍ୱବିଦ୍ୟାଳୟସ୍ତରରେ ଆୟୋଜିତ ଟେକ୍ନୋଫେଷ୍ଟର ସର୍ବାଧିକ ପୁରସ୍କାର ରାଶି ବୋଲି କୁହାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ, ସୃଜନଶୀଳତାର ପରିପ୍ରକାଶ ପାଇଁ ଏହା ଏକ ଶ୍ରେଷ୍ଠ ପ୍ଲାଟଫର୍ମ ବୋଲି କୁହାଯାଉଛି।

## ଏଆରଆରସିରେ ହୋଣ୍ଡା ପାଇଁ କଠିନ ଦିନ, ସେନ୍ଥିଲ ୧୭ତମ ସ୍ଥାନରେ, ରାଜୀବ ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର: ମାଲେସିଆର ସେପାଙ୍ଗ ଇଟଂରନ୍ୟାସନାଲ୍ ସର୍କିଟ୍‌ରେ ଚାଲିଥିବା ଏସିଆନ୍ ରୋଡ୍ ରେସିଂ ଚାମ୍ପିଆନସିପ୍‌ରେ ଆଇଡେମିସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌କୁ କଠିନ ଦିନ ସାମ୍ନା କରିବାକୁ ପଡ଼ିଛି। ଟିମ୍‌ର ଅଭିଜ୍ଞ ଚାଳକ ରାଜୀବ ସେତୁ ଦ୍ୱିତୀୟ ଲ୍ୟାପ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ଅଧାରୁ ରେସ୍ ଛାଡ଼ିଛନ୍ତି। ସେହି ସମୟରେ ଅନ୍ୟତମ ଚାଳକ ସେନ୍ଥିଲ କୁମାର ପାଂଚଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ଆଜି ସକାଳରେ ରେସ୍ ଆରମ୍ଭ ହେବା ବେଳକୁ ରାଜୀବ ସେତୁ ଭଲ ଲ୍ୟାପ୍ ଟାଇମ୍ ହାସଲ କରିଥିଲେ। ଦ୍ୱିତୀୟ ଲ୍ୟାପ୍‌ରେ ଥିବା ଚାଳକ ଭାବେ ସେ ଶ୍ରେଷ୍ଠ ୧୫ ଭିତରେ ସ୍ଥାନ ପାଇଥିଲେ। ଅପରାହ୍ନର ରେସ୍ ୧ରେ ସେ ପଂଚମ ଧାଡ଼ିରେ ଥିଲେ ଏବଂ ଦ୍ରୁତ ଗତିରେ ଆଗକୁ ବଢ଼ିଥିଲେ ମାତ୍ର ୧୧ତମ ବାଙ୍କ (ଟର୍ଣ୍ଣ)ରେ ସେ ଦୁର୍ଭାଗ୍ୟବସତଃ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ଏବଂ ଶ୍ରେଷ୍ଠ ୧୦ ଭିତରେ ପ୍ରବେଶ କରିବା ଲାଗି ତାଙ୍କର ଯେଉଁ ସ୍ୱପ୍ନ ରହିଥିବା ତାହା ଅଧୁରା ରହିଗଲା। ଏପି ୨୫୦ ଶ୍ରେଣୀ ଯୋଗ୍ୟତା ପର୍ଯ୍ୟାୟରେ ରାଜୀବ ଶ୍ରେଷ୍ଠ ୧୫ ଭିତରେ ସ୍ଥାନ ପାଇଥିଲେ ଏବଂ ସେନ୍ଥିଲ ନିଜ ପ୍ରଦର୍ଶନରେ ଉନ୍ନତି ଆଣି ୨୨ତମ ସ୍ଥାନରେ ରହିଥିଲେ। ଏପି ୨୫୦ ଶ୍ରେଣୀ ରେସ୍ ୧ କିନ୍ତୁ ରାଜୀବଙ୍କ ପାଇଁ ଖରାପ ରହିଥିଲା। ସେ ଅଧାରୁ ରେସ୍ ଛାଡ଼ିଥିଲେ। ମାତ୍ର ସେନ୍ଥିଲ ନିଜର ପ୍ରଦର୍ଶନରେ ବେଶ ପ୍ରଭାବିତ କରିଥିଲେ ଏବଂ ପାଂଚଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ପହଂଚିଥିଲେ। ଏହି ରେସ୍‌ରେ ଇଣ୍ଡୋନେସିଆର ଚାଳକ ଇରଫାନ୍ ଆର୍ଡିନ୍‌ଶାହ ପ୍ରଥମ, ଆଷ୍ଟ୍ରା ହୋଣ୍ଡାର ମୁଲକାଦା ସାରାପଚ୍ ଦ୍ୱିତୀୟ ଓ ରଫିଦ ଟୋପାନ୍ ସୁସିପ୍ଟୋ ତୃତୀୟ ସ୍ଥାନରେ ରହିଥିଲେ। ଆଜିର ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, 'ଯୋଗ୍ୟତା ପର୍ଯ୍ୟାୟରେ ଭଲ ସ୍ଥାନ ନମିଳିବାରୁ ଅପରାହ୍ନ ରେସ୍‌ରେ ସେଥିରେ ସୁଧାର ଆଣିବାର ଥିଲା। ଆମର ବିଶ୍ୱାସ ଥିଲା ଯେ ଭଲ ଆରମ୍ଭ ଯୋଗୁ ରାଜୀବ ଲ୍ୟାପ୍ ୨ରେ ସେହି ସଫଳତା ପାଇବେ। ମାତ୍ର ଦୁର୍ଭାଗ୍ୟବସତଃ ସେ ଉପରେ ରହି ମଧ୍ୟ ଆଗକୁ ବଢ଼ିପାରିନଥିଲେ ଏବଂ ଆଘାତପ୍ରାପ୍ତ ହୋଇଥିଲେ ଏବଂ ଆମେ ଏବେ ଆସନ୍ତାକାଲି ଭଲ ପ୍ରଦର୍ଶନ କରିବାକୁ ଚାହିଁ ରହିଛୁ। ମୋଟ ଉପରେ ସେନ୍ଥିଲ ନିଜର ପ୍ରତିଥର ଟ୍ରାକ୍ ପ୍ରବେଶରେ ନିଜ ଲ୍ୟାପ୍ ସମୟରେ ଉନ୍ନତି ଆଣିପାରୁଛନ୍ତି। ଆଜି ଭଲ ଆରମ୍ଭ କରିନଥିଲେ ମଧ୍ୟ ନିଜର ସ୍ଥିତିକୁ ବଜାୟ ରଖିବା ଲାଗି ଲଢ଼େଇ ତାଙ୍କୁ ଅନେକ କିଛି ଶିଖାଇଥିବ। କେଉଁ ସ୍ଥାନରେ ଉନ୍ନତି ଆଣିହେବ ତାହାକୁ ବୁଝି, ସବୁ କିଛିକୁ ଅନୁଧ୍ୟାନ କରି ଆମକୁ ଆସ'।କାଲି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏବେବି ଆମର ଲକ୍ଷ୍ୟ ହେଉଛି ରାଜୀବଙ୍କ ପାଇଁ ଟପ୍ ୧୦ ଏବଂ ସେନ୍ଥିଲଙ୍କ ପାଇଁ ଶ୍ରେଷ୍ଠ ୧୫ ପାଖାପାଖି ପହଂଚିବା। ଆମେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛୁ।''

# ୫୦ ପ୍ରତିଶତ ଲୋକ ନିରକ୍ଷର
## ବିଭିନ୍ନ ସରକାରୀ ଖାତା ଟିପ ଚିହ୍ନରେ ଭରି ହେଉଛି

କନ୍ଧମାଳ,(ପିଏନ)- ବାବୁ ଷ୍ଟାମ୍ପ ପ୍ୟାଡ୍ ଟା ଦିଅ ଟିପ ଦେବୁ, ଏହା ସାରା କନ୍ଧମାଳରେ ଅଧିକାଂଶ ଅଂଚଳରେ ଦୈନନ୍ଦିନ ବ୍ୟାପାର। ଏଠାରେ ସରକାରଙ୍କ ସମସ୍ତ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହୋଇଛି। ମାତ୍ର ଫଳ ଶୁନ୍। ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଟଙ୍କିକିଆ ଚାଉଳ, ବ୍ୟାଙ୍କ, ପେନସନ ଆଦି ସବୁ ପାଇ ଲୋକେ ଟିପଚିହ୍ନ ଦେବାପାଇଁ ଷ୍ଟାମ୍ପ ପ୍ୟାଡ ଖୋଜୁଛନ୍ତି। ବିନା ଷ୍ଟାମ୍ପ ପ୍ୟାଡରେ କାମ ନାହିଁ।

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ କାଗଜପତ୍ରରେ କେବଳ ସାକ୍ଷରତା ହାର ବୃଦ୍ଧି ଘଟୁଥିବା ବେଳେ ଗତ ୩/୪ ଦଶନ୍ଧି ଧରି ଯୋଜନା ପରେ ଯୋଜନା ପ୍ରଣୟନ କରାଯାଇ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲା । ହେଲେ, ଲୋକେ ଟିପଚିହ୍ନ ଦେବା ଏଯାଏଁ ଛାଡିନଥିବା ଦେଖିବାକୁ ମିଳୁଛି। ଜିଲ୍ଲାରେ ସାକ୍ଷରତା ହାର କମ୍ ଥିବାବେଳେ ବାସ୍ତବରେ ସରକାରୀ କାଗଜ ପତ୍ରରେ ଅଧିକା ଦର୍ଶାଯାଇଛି। କନ୍ଧମାଳ ଜିଲ୍ଲାର ବିଶେଷକରି କୋଟଗଡ, ତୁମୁଡିବନ୍ଧ, ଦାରିଙ୍ଗବାଡି, ଫିରିଙ୍ଗିଆ, କ.ନୂଆଗାଁ ଆଦି ବ୍ଲକରେ ଟିପଚିହ୍ନକାରୀଙ୍କ ସଂଖ୍ୟା ଅଧିକା ଥିବା ଜଣାପଡିଛି। ଏସବୁ ଅଂଚଳରେ ସାକ୍ଷରତା ହାର ଆଶାନୁରୂପ ବୃଦ୍ଧି ପାଉନଥିବା ଲକ୍ଷ୍ୟ କରାଯାଉଛି। ବେସରକାରୀ ଭାବେ ଜିଲ୍ଲାରେ ମୋଟ୍ ଜନସଂଖ୍ୟା ମଧ୍ୟରୁ ନିରକ୍ଷରତା ହାର ଶତକଡ଼ା ୫୦ ଭାଗରୁ ଅଧିକ। ପ୍ରକୃତ ସ୍ଥିତିକୁ ଅନୁଧ୍ୟାନ କଲେ ସମସ୍ତଙ୍କ ନିକଟରେ ଶିକ୍ଷା ପଂହଚି ପାରୁନଥିବାରୁ ଜିଲ୍ଲାରେ ଏଭଳି ସ୍ଥିତି ଉପୁଜିଛି। ସରକାର ଶିକ୍ଷାର ପ୍ରସାର ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ପ୍ରଶାସନିକ ସ୍ତରରେ ଏସବୁ ଯୋଜନାର ଉଚିତ୍ ତଦାରଖ ଓ ସଚେତନତା ଅଭାବ ସାଙ୍ଗକୁ ଦୁର୍ନିତୀ ଓ ସମୟୋଚିତ ପଦକ୍ଷେପ ନେଉନଥିବାରୁ ସାକ୍ଷରତା ହାରରେ ଆଶାନୁରୂପ ସଫଳତା ମିଳୁନଥିବା କୁହାଯାଉଛି।

ସାକ୍ଷରତା ହାର ବୃଦ୍ଧି କରିବା ଲକ୍ଷ୍ୟ ନେଇ ସରକାର ୧୯୮୬ ରେ ସାକ୍ଷରତା ଯୋଜନା, ପୌଢ ଶିକ୍ଷା ଆଦି ଆରମ୍ଭ କରିଥିଲେ। ଏଥିରେ ନିରକ୍ଷର ପୁରୁଷ ଓ ମହିଳା ଦସ୍ତଖତ କରିବା ଶିଖିବେ କୁହାଯାଉଥିଲା। ସେହି ଯୋଜନା ଏତେଟା ସଫଳ ହୋଇନଥିଲା। ପରେ ସରକାର ନନଫର୍ମାଲ ଟିଚର ନିଯୁକ୍ତି ଦେଇ ପୁଣି ଶିକ୍ଷା ଦେବା ଆରମ୍ଭ କରିଥିଲେ। ଏଥିରେ ମଧ ବିପୁଳ ଅର୍ଥ ଖର୍ଚ୍ଚ ହେଲା, ଫଳ କିନ୍ତୁ ଶୁନ୍। ପରେ ଡିପିଇପି ଯୋଜନାରେ ଶିକ୍ଷାର ସଂସ୍କାର ପାଇଁ ନିନାଦ-୧ ନିନାଦ-୨ ମାଧ୍ୟମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ପୁଣି ଲୋକଙ୍କୁ ଆକୃଷ୍ଟ କରାଯାଇ ପାଠ ଆରମ୍ଭ ହେଲା। ସରକାର ରେଡିଓ, ଟିଭି, ଟେପରେକର୍ଡର ମାନ ମଧ ମାଗଣାରେ ଯୋଗାଇ ଦେଇଥିଲେ। ସେସବୁ ମଧ ନଷ୍ଟ ହୋଇଗଲା। କିଏ ଚୋରୀ କରିନେଲାଣି ତ କିଏ ବିକିଲାଣି ଆଉକିଏ ଭାଙ୍ଗିଲାଣି। କିଛି କାମରେ ଆସିଲାନି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ସାର ହେଲା। ୨୦୦୧ରେ ସର୍ବଶିକ୍ଷା ଯୋଜନା ସରକାର ଆରମ୍ଭ କରିଥିଲେ। ଏବେ ରାଇଟ ଟୁ ଏଜୁକେଶନ ମଧ ଚାଲିଛି। ସମସ୍ତଙ୍କ ଶିକ୍ଷା ଅଧିକାର ରହିଛି। ହେଲେ ଏହି ଯୋଜନା କେତେକାଂଶରେ ସଫଳ ହୋଇଥିବା କୁହାଯାଉଛି। ଏବେ ବି ଶହ ଶହ ସଂଖ୍ୟାରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ମହିଳା ଓ ପୁରୁଷ ମାନେ ମଧ ଅଧା ମଧ ନଜାଣି ଅଛନ୍ତି। ଟିପଚିହ୍ନରେ ବଂଚିଛନ୍ତି। ଲେଖିବା ଦୂରେଥାଉ ପଢି ମଧ ପାରୁନାହାଁନ୍ତି। ସରକାରଙ୍କ ସାକ୍ଷରତା ଯୋଜନା, ଆରଟିଇ, ପୌଢ ଶିକ୍ଷା, ଜନ ଶିକ୍ଷା ସବୁକିଛି ଯୋଜନା ଫେଲ୍ ମାରିଛି କନ୍ଧମାଳରେ। ବିପୁଳ ଅର୍ଥ ପାଣିରେ ପଡିଯାଉଛି ବୋଲି ଶିକ୍ଷାବିତ୍ ମାନେ ମତ ପ୍ରକାଶ କରିଛନ୍ତି। ଲୋକମାନଙ୍କ ମଧ୍ୟରେ ସଚେତନତା ଅଭାବ ସାଙ୍ଗକୁ ସରକାରୀ କର୍ମଚାରୀଙ୍କ ଦୁର୍ନିତୀପୂର୍ଣ୍ଣ ମନୋଭାବ, ଅବହେଳା ଯୋଗୁଁ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡିବାସହ ସାକ୍ଷରତା ହାର କମିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ସଚିବ ଏଥିପ୍ରତି ଦୃଷ୍ଟି ଦେବାଲାଗି ସାଧାରଣରେ ଦାବୀ ହେଉଛି।

## ପିପିପି ବା ସିଏସଆର ମଡେଲରେ ସ୍କୁଲରେ ଦିଆଯିବ ବୈଷୟିକ ଶିକ୍ଷା

ଭୁବନେଶ୍ୱର : ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରିନିଓରସିପ୍ ମନ୍ତ୍ରାଳୟର ତତ୍ୱାବଧାନରେ ଥିବା ସ୍କିଲ ଇଣ୍ଡିଆ ମିଶନ ଓ ନ୍ୟାସନାଲ ସ୍କିଲ ଡେଭେଲପମେଂଟ କର୍ପୋରେସନ ଦ୍ୱାରା କେଇଡି ପଦ୍ଧତିରେ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ସ୍କିଲଏଡ ଇଣ୍ଡିଆ ସହ ରାଜିନାମା ସ୍ୱାକ୍ଷର ହୋଇଛି । ଏଥି ପାଇଁ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ମାଧ୍ୟମରେ ଭାରତୀୟ ବ୍ୟବସାୟ ଓ କର୍ପୋରେଟ ମାନଙ୍କରୁ ପ୍ରାପ୍ତ ସିଏସଆର ଫଣ୍ଡ ବିନିଯୋଗ କରାଯିବ । ସ୍କିଲଏଡ ଇଣ୍ଡିଆ ଭାରତର ମାନବ ରଚନା ଶୈକ୍ଷଣିକ ସଂସ୍ଥା ଓ ସ୍ୱିଡେନ୍ ର କନସ୍କପସ୍କୋଲାନ ଏଜୁକେସନ ର ଏକ ସଂଯୁକ୍ତ ଉଦ୍ୟମ । ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ପ୍ରମୁଖ ସୋନି ଇଣ୍ଡିଆ ଏବଂ ସ୍କିଲଏଡ ସହ ଉଦ୍ୟୋଗ ବିଶିଷ୍ଟ କୌଶଳ ପ୍ରଦାନ ଏବଂ ରିଟେଲ କ୍ଷେତ୍ରରେ ରୋଜଗାର ସମ୍ବନ୍ଧ ବଢାଇବା ପାଇଁ ଏନଏସଡିସି ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ସ୍କିଲଏଡ ଦ୍ୱାରା ଯୋଗ୍ୟ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ହାଇଟେକ୍ କ୍ଲାସରୁମରେ କେଇଡି ପଦ୍ଧତିରେ ଏହି ଟ୍ରେନିଂ ପ୍ରଦାନ କରାଯିବ । ଏହି ପ୍ରଶିକ୍ଷଣ ନେଇଥିବା ବିଦ୍ୟାର୍ଥୀ ମାନଙ୍କୁ ଶୁଳ୍କ ଆଧାରିତ ମଡେଲ ବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅ'ର୍ଗତ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାମାନଙ୍କ ମାଧ୍ୟମରେ ପ୍ଲେସ୍‌ମେଂଟ ଲିଙ୍କ ପ୍ରଦାନ କରାଯିବ ।ନୂଆଦିଲ୍ଲୀ ଠାରେ କର୍ପୋରେଟ ସାମାଜିକ ଦାୟିତ୍ୱ ଉପରେ ଅ'ଃରାଷ୍ଟ୍ରୀୟ ସମ୍ମିଳନୀ ର ଅଧ୍ୟକ୍ଷତା କରି ସ୍କିଲ ଡେଭେଲପ୍‌ମେଂଟ ଏଣ୍ଡ ଏଂଟରପ୍ରିନିଓରସିପ୍ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ସ୍କୁଲ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) ର ସହଯୋଗରେ ବୈଷୟିକ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । କର୍ପୋରେଟ ସାମାଜିକ ଦାୟିତ୍ୱ ମାଧ୍ୟମରେ ଦକ୍ଷତା ବିକାଶ ଦିଗରେ ଯୋଗଦାନ ଦେବା ପାଇଁ କର୍ପୋରେଟ ମାନଙ୍କୁ ଆହ୍ୱାନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପାଣ୍ଡେ କହିଥିଲେ, 'ଦକ୍ଷତା ବୃଦ୍ଧି କରିବା ଓ ସ୍କିଲ ଇଣ୍ଡିଆ ମିଶନରେ ଏକ ପ୍ରଭାବ ପକାଇବା ପାଇଁ ମୁଁ କର୍ପୋରେଟ ମାନଙ୍କୁ ସିଏସଆର ଫଣ୍ଡ ବିନିଯୋଗ କରିବା ପାଇଁ ଆହ୍ୱାନ ଜଣାଉଛି । ପ୍ରାଇଭେଟ ସେକ୍ଟରର କ୍ରମବର୍ଦ୍ଧିଷ୍ଣୁ ପ୍ରତିଶ୍ରୁତିବଦ୍ଧତା ଏ କ୍ଷେତ୍ରରେ ସକରାତ୍ମକ ଓ ଉତ୍ସାହଜନକ ବିଶ୍ୱର ଦକ୍ଷତା ରାଜଧାନୀ ଭାବରେ ଭାରତକୁ ଗଢିବାର ଲକ୍ଷ ରଖି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କମ୍ପାନୀ ମାନଙ୍କୁ ସିଏସଆର ବିନିଯୋଗ କରିବାକୁ ଉପଦେଶ ଦେଇଛନ୍ତି । ଏହି ସଂକଳ୍ପ ଦ୍ୱାରା ଏଂଟରପ୍ରିନିଓରସିପ୍ କୁ ପ୍ରୋତ୍ସାହନ ମିଳିବା ସହ ଭାରତ ବିଶ୍ୱର ସର୍ବବୃହତ କୁଶଳ କର୍ମଚାରୀ ପ୍ରଦାନକାରୀ ହୋଇପାରିବ ।'କନସ୍କପସ୍କୋଲାନ ସ୍ୱିଡେନ୍ ଏବି ର ସଂସ୍ଥାପକ ଏବଂ କାର୍ଯ୍ୟନିର୍ବାହୀ ଅଧକ୍ଷ ପେଜେ ଏମିଲସନ୍ କହିଛନ୍ତି, ' କୁଶଳ ଶ୍ରମଶକ୍ତି ଦେଶର ସମଗ୍ର ବିକାଶରେ ମହତ୍ୱପୁର୍ଣ୍ଣ । ଏହି ସହବନ୍ଧନ ସହ ସୋନି ଭାରତରେ ଉତମ ରୋଜଗାର ସୁଯୋଗ ସହ ଯୁବାବର୍ଗଙ୍କୁ ସଫଳ ହେବା ପାଇଁ ଏକ ଗୁରୁତ୍ୱପୁର୍ଣ୍ଣ ଭୁମିକା ନେଉଅଛି ।'ଏହି ସହବନ୍ଧନ ସମ୍ପର୍କରେ ନ୍ୟାସନାଲ ସ୍କିଲ ଡେଭେଲପ୍‌ମେଂଟ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମନିଶ୍ କୁମାର କହିଛନ୍ତି, ' ଏହି ସହଭାଗୀତା ଯୁବାବର୍ଗଙ୍କର କୌଶଳ ଓ ଦକ୍ଷତା ବୃଦ୍ଧି ସହ ନିର'ର ଜିବିକା ସମ୍ପର୍କ ପ୍ରଦାନ କରିବ ।'


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray